## ସମ୍ବଲପୁର ଲୋକ ମହୋତ୍ସବ

# ବିଦେଶୀ, ଆଞ୍ଚଳିକ କଳାକାରଙ୍କ ମହାକୁମ୍ଭ

ସମ୍ବଲପୁର,୨।୧(ସମିସ)

ଲୋକମହୋତ୍ସବରେ ଚଳିତବର୍ଷ ଆଞ୍ଚଳିକ କଳାକାରଙ୍କୁ ଗୁରୁତ୍ୱ ଦିଆଯାଇଛି। ଗ୍ରାମାଞ୍ଚଳର କଳାକାର ଦଳ ଓ ଲୁକ୍କାୟିତ ପ୍ରତିଭାମାନଙ୍କୁ ଚୟନ କରାଯାଇଛି। ସେମାନେ ମଞ୍ଚରେ ପ୍ରତିଭା ପ୍ରଦର୍ଶନ କରିବେ। ଦେଶର ବିଭିନ୍ନ ରାଜ୍ୟର କଳାକାରମାନେ



ଯୋଗ ଦେବେ। ଏହାସହ ବିଶେଷ ଆକର୍ଷଣ ରହିଛି ଦେଶ ବାହାର ଥାଇଲାଣ୍ଡର ଲୋକନୃତ୍ୟ, ଲୋକବାଦ୍ୟ ବୋଲି ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲ୍ଲାପାଳ ଅନନ୍ୟା ଦାସ ସୂଚନା ଦେଇଛନ୍ତି। ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ଯେ, ଜାନୁଆରି ୪, ୫ ଓ ୬ ତିନିଦିନ ଧରି ଲୋକମହୋତ୍ସବ ପାଳିତ ହେବ। ଆଞ୍ଚଳିକ ଓ ବିଦେଶୀ କଳକାରଙ୍କ ସାଂସ୍କୃତିକ ମହାକୁମ୍ଭ। ଛଅଟି ସ୍ଥାନୀୟ ଦଳ ସମେତ ଆଠଟି ରାଜ୍ୟସ୍ତରୀୟ ଓ ଛଅଟି ଜାତୀୟ ଲୋକନୃତ୍ୟ ଦଳ ତାଙ୍କ ନୃତ୍ୟ ପ୍ରଦର୍ଶନ କରିବାକୁ ଯାଉଛନ୍ତି। ଥାଇଲାଣ୍ଡରୁ ଏକ ଅନ୍ତର୍ଜାତୀୟ ଲୋକନୃତ୍ୟ ପ୍ରଦର୍ଶନ କରିବେ। ପ୍ରଥମ ଦିନ ପୂର୍ବାହ୍ନ ୧୦ଟାରୁ ବାଲିବନ୍ଧା ସୋମନାଥ ମନ୍ଦିର ନିକଟରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଏକ ସାଂସ୍କୃତିକ ଶୋଭାଯାତ୍ରା ହେବ। ଏଥିରେ ୧୩ରୁ ଅଧିକ ଲୋକନୃତ୍ୟ ଦଳ ସାମିଲ ହେବାକୁ ଯାଉଛନ୍ତି। ଶୋଭାଯାତ୍ରା ପରେ ପିଏଚ୍‌ଡି ପଡ଼ିଆରେ ପ୍ରଦର୍ଶନୀ କଳାଗ୍ରାମ ଉଦଘାଟନୀ କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ଫଟୋ, ଚିତ୍ରକଳା ପ୍ରଦର୍ଶନୀ ଓ ଲୋକମହୋତ୍ସବ ଉଦଘାଟନୀ କାର୍ଯ୍ୟକ୍ରମ ରଖାଯାଇଛି। ପ୍ରତିଦିନ ମଞ୍ଚ କାର୍ଯ୍ୟକ୍ରମ ପୂର୍ବରୁ ଦୁଇଟି ଲେଖାଏଁ ଅବିଲୁପ୍ତ ପ୍ରାୟ ଲୋକବାଦ୍ୟ ପରିବେଷିତ ହେବାକୁ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ଦିନ ଆଲୋଚନା ଚକ୍ର, କର୍ମଶାଳା ଓ ସମ୍ବଲପୁରୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ସମ୍ବଲପୁର ଲୋକମହୋତ୍ସବ ମିଡିଆ ଉପସମିତିର ଆବାହକ ସାମ୍ବାଦିକ ସୁକାନ୍ତ କରଙ୍କ ସଂଯୋଜନାରେ ହୋଇଥିବା ଏହି ସଭାରେ ଲୋକମହୋତ୍ସବ ଆୟୋଜନ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ତଥା

### ମନୋରଞ୍ଜନ ସହ କଳା, ସଂସ୍କୃତିର ପ୍ରଚାର

ଜିଲ୍ଲାପାଳ ଅନନ୍ୟା ଦାସଙ୍କ ସମେତ ମୁଖ୍ୟ ସଂଯୋଜକ ଭୋଲା ଶଙ୍କର ମହନ୍ତ, ମହାନଗର ନିଗମ କମିଶନର ତଥା ନୋଡାଲ ଅଧିକାରୀ ବେଦଭୂଷଣ, ଡେପୁଟୀ କଲେକ୍ଟର ତଥା ସହନୋଡାଲ ଅଧିକାରୀ ସୁଶାନ୍ତ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସହ ସଂଯୋଜକ ଅନୁପ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକମହୋତ୍ସବରେ ସମୁଦାୟ ୧୫୦ ଷ୍ଟଲ୍ ରହିବ। ସେଥିମଧ୍ୟରୁ ୧୫ ଗୋଟି ଷ୍ଟଲ ଖାଦ୍ୟ ପାଇଁ ରହିବ। ସୁଆଦିଆ ଖାଦ୍ୟ ମିଳିବ। ଅନ୍ୟ ଷ୍ଟଲ୍ ଗୁଡ଼ିକରେ ମିଶନ ଶକ୍ତି, ଉତ୍ପାଦକ ଗୋଷ୍ଠୀଙ୍କ ଉତ୍ପାଦ ସାମଗ୍ରୀ, ଜଙ୍ଗଲଜାତ ଦ୍ରବ୍ୟ, ରାଜ୍ୟବାହାରୁ କପଡ଼ା, ପୋଷାକ ଭଳି ଲୋକଙ୍କ ଆବଶ୍ୟକୀୟ ସାମଗ୍ରୀ ବିକ୍ରି କରାଯିବ।

# ସନ୍ଦେହରେ ଧାନ ବୋଝେଇ ଟ୍ରକ୍ ଅଟକ

**କୁଚିଣ୍ଡା, ୨।୧(ସମିସ):** କୁସୁମୀରୁ ଏକ ୧୬ଚକିଆ ଟ୍ରକ୍ (ଓଡ଼ି-୧୫-ଭି-୪୮୧୫) ମାଧ୍ୟମରେ ଧାର୍ଯ୍ୟଠାରୁ ଅଧିକ ବସ୍ତା ଧାନ ବୋଝେଇ ହୋଇ ସମ୍ବଲପୁର ପଟକୁ ଯାଉଥିବା ଖବର ପାଇ ପ୍ରଶାସନ ଗାଡ଼ିକୁ ଅଟକ ରଖିଛି। ଗତ ୨୯ ତାରିଖର ଟ୍ରାନ୍‌ଜିଟ୍ ପାସ୍ ଥିବା ଏହି ଟ୍ରକ୍‌ଟିକୁ କୁସୁମୀ ପେଟ୍ରୋଲ ପମ୍ପର ନିକଟରେ ଏନଫୋର୍ସମେଣ୍ଟ ଟିମ ଚଢ଼ଉ କରି ଅଟକ ରଖିଛନ୍ତି। ଟିମ୍‌ର ଡେପୁଟି କଲେକ୍ଟର ଲୋଚନ ଶବର, ତହସିଲଦାର ପ୍ରସନ୍ନ ଟେଟେ, ଏସିଏସ୍‌ଓ ରାଜ କିଶୋର ସ୍ୱାଇଁ, ଏଆରସିଏସ୍ ଭବାନୀ କାନ୍ତ ନାଏକ, ସପ୍ଲାଇ ଇନ୍ସପେକ୍ଟର ପ୍ରସନ୍ନ ଦେହୁରୀ ପ୍ରମୁଖ ଚଢ଼ଉ କରିଥିଲେ। ତେବେ ଟ୍ରକ୍‌ଟିକୁ ଥାନାକୁ ନେବାକୁ କହୁଥିବା ବେଳେ ଉକ୍ତ ଟିମ୍ ସହିତ ଧାନ ବେପାରୀର ଯୁକ୍ତିତର୍କ ହୋଇଥିଲା। ଏପରିକି ଡ୍ରାଇଭର ମଧ୍ୟ ଗାଡ଼ି ଛାଡ଼ି ଅନ୍ୟଆଡ଼େ ରହିଥିଲା। ଏହା ଦେଖି ଏନଫୋର୍ସମେଣ୍ଟ ଟିମ୍ କୁସୁମୀ ଏମ୍‌ଡିଙ୍କୁ ଫୋନ କରି ସମସ୍ତ କାଗଜପତ୍ର ଧରି ଆସିବାକୁ କହିଥିଲେ। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଟ୍ରକ୍‌ଟି ସେମିତି ପେଟ୍ରୋଲ ପମ୍ପ ନିକଟରେ ରହିଛି ଏବଂ ପ୍ରଶାସନିକ ଅଧିକାରୀ ତଦନ୍ତ କରୁଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ଗତ ୨୯ ତାରିଖର ଟ୍ରାନ୍‌ଜିଟ ପାସ୍ ଥିବା ବେଳେ ଟ୍ରକ୍‌ଟି ଆଜି ପର୍ଯ୍ୟନ୍ତ ମଣ୍ଡିକୁ କାହିଁକି ଯାଇନି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନିକ ଅଧିକାରୀ ଘଟଣାର ତଦନ୍ତ ଜାରି ରଖିଛନ୍ତି।



## ବରାହଗୁଡ଼ା ଟୋଲ୍‌ଗେଟ୍‌ରେ ବେଆଇନ ଅସୁଲି

# ୨୫ ହଜାର ଜରିମାନା କଲେ ଖାଉଟି ଅଦାଲତ

**ସମ୍ବଲପୁର,୨।୧(ସମିସ):** ଜାତୀୟ ରାଜପଥ ୫୩ ବରଗଡ଼ ଜିଲ୍ଲା ବରାହଗୁଡାରେ ଟୋଲ୍ ଆଦାୟ କରୁଥିବା କମ୍ପାନୀକୁ ଦଣ୍ଡାଦେଶ ହୋଇଛି। ସମ୍ବଲପୁର ଖାଉଟି ଅଦାଲତ ଫୋରମ ସଭାପତି ରମାକାନ୍ତ ଶତପଥୀ ଓ ସଦସ୍ୟ ସଦାନନ୍ଦ ତ୍ରିପାଠୀ ବିଚାର କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ କୁଞ୍ଜେଲପଡ଼ାର ବିଷ୍ଣୁ ପାତ୍ରଙ୍କୁ ୨୫ ହଜାର ଟଙ୍କା ଜରିମାନା ଦେବା ସହିତ ଖର୍ଚ୍ଚ ବାବଦକୁ ୫ହଜାର ଦେବାକୁ ନିର୍ଦ୍ଦେଶ ରହିଛି। ଟଙ୍କା ଦେବାରେ ଯେତେ ବିଳମ୍ବ ହେଲେ ୧୨ପ୍ରତିଶତ ସୁଧହାର ଲାଗିବ ବୋଲି ନିର୍ଦ୍ଦେଶନାମା ରହିଛି। ସୂଚନାଯୋଗ୍ୟ ଯେ, ବିଷ୍ଣୁ ପାତ୍ର ସମ୍ବଲପୁରରୁ ୨୦୨୩ ମାର୍ଚ୍ଚ ୩ ତାରିଖ ଓଡି ୧୫-ଏମ-୯୯୨୫ ଯୋଗେ ବରଗଡ଼ ଜିଲ୍ଲା ନିଜ ସମ୍ପର୍କୀୟଙ୍କ ବାହାଘରେ ଯୋଗ ଦେବାକୁ ଯାଉଥିଲେ। ସେମାନେ ଟୋଲ୍‌ଗେଟ୍ ଦେଇ ଯିବାଆସିବା କରି ନଥିଲେ। ହେଲେ ଦୁଇଥର ୧୪୫ ଟଙ୍କା ଲେଖାଁଏ ଫାଷ୍ଟ୍‌ଟ୍ୟାଗ୍‌ରୁ କଟିଯାଇଥିଲା। ଜାତୀୟ ରାଜପଥ ବିଭାଗ ଅଧୀନରେ କମ୍ପାନୀ ଟୋଲ ଆଦାୟ କରିବା ପାଇଁ ଟେଣ୍ଡର ପାଇଛି। ଟେଣ୍ଡରରେ ଥିବା ଚୁକ୍ତିରେ ଟୋଲ୍‌ଗେଟ୍ ଖିଲାପୀ କରୁଛି। ଯାନବାହାନରୁ ବେଆଇନ ଭାବେ ଟୋଲ୍ ଅଦାୟ କରୁଛି। ତାଙ୍କ ଅଜାଣରେ ଟଙ୍କା କଟିଯାଇଥିଲା ବୋଲି ଖାଉଟି ଅଦାଲତରେ ଅଭିଯୋଗ କରିଥିଲେ। ବିଚାର କରି ଖାଉଟି ଅଦାଲତ ରାୟ ଶୁଣାଇଥିଲେ।

# ପୋଖରୀରେ ବୁଡ଼ି ଯୁବକ ମୃତ

**ଜମନକିରା, ୨।୧(ସମିସ):** ଜମନକିରା ଥାନା ଜମନକିରା-ଭୋଜପୁର ପିଡବ୍ଲୁଡ଼ି ରାସ୍ତା ବଡ଼ମାଲ ପଞ୍ଚାୟତ ଅନ୍ତର୍ଗତ ରାନୀଝୁରିଆ ପୋଖରୀକୁ କୋଲାପାଟ ଗ୍ରାମର ରତନ ମୁଣ୍ଡା ଗାଧୋଇବାକୁ ଯାଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ରତନ ଆଜି ଦିନ ପ୍ରାୟ ୧୧ଟାରେ ଉକ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ପାଣିରେ ବୁଡ଼ି ଯାଇଥିଲେ। କିଛି ଲୋକ ଏହା ଦେଖି ପୁଲିସକୁ ଖବର ଦେଇଥିଲେ। ଜମନକିରା ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଆଉ କେତେ ଖର୍ଚ୍ଚ ହେଲେ କାମରେ ଆସିବ ଅତିଥିଶାଳା

**କୁଚିଣ୍ଡା, ୨।୧(ସମିସ):** କୁଚିଣ୍ଡା ମହାବିଦ୍ୟାଳୟ ପ୍ରବେଶ ପଥ କଡ଼ରେ ଅତିଥି ମାନଙ୍କ ପାଇଁ ରହିଛି ଏକ ଅତିଥିଶାଳା। ଏହି ଅତିଥିଶାଳାର ନବୀକରଣ, ମରାମତି ନାମରେ ବିଭିନ୍ନ ପର୍ଯ୍ୟାୟରେ ସରକାରୀ ଅନୁଦାନରୁ ଖର୍ଚ୍ଚ ହୋଇ ସାରିଛି ପାଖାପାଖି ୩୦ଲକ୍ଷ ଟଙ୍କା। ହେଲେ ଏଯାଏଁ ଅତିଥିଶାଳା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଆଉ କେତେ ଟଙ୍କା ଖର୍ଚ୍ଚ ହେଲେ ଅତିଥିଶାଳାର କାମ ସମ୍ପୂର୍ଣ୍ଣ ହେବ ଏବଂ ଅତିଥି ଶାନ୍ତିରେ ଦିନ ବିତାଇ ପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ପ୍ରକୃତରେ ଅତିଥିଶାଳାର ମରାମତି ନାମରେ ଏତେଗୁଡ଼ାଏ ଖର୍ଚ୍ଚ ହେଲାଣି ତଥାପି ତାହା କାହିଁକି ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।



# କୁଚିଣ୍ଡା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ବାସଭବନ ଭୂତ କୋଠି!

**କୁଚିଣ୍ଡା, ୨।୧(ସମିସ):** କୁଚିଣ୍ଡା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ପାଇଁ ଏକ ବାସଭବନ ରହିଛି। ୨୦୧୭/୧୮ ମସିହାରେ ରୁସା ଅନୁଦାନରେ ୩ଲକ୍ଷ ୫୦ହଜାର ବ୍ୟୟରେ ଏହାର ମରାମତି କାର୍ଯ୍ୟ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ମେଜର ବସନ୍ତ ପଟେଲଙ୍କ ପରେ ପରେ ଏହି ବାସଭବନରେ କେହିବି ରହୁ ନଥିବା ବେଳେ ୨୦୧୯ ମସିହାରେ ଅଧ୍ୟକ୍ଷ ଡ଼.ସୁଦର୍ଶନ ପାଣିଗ୍ରାହୀଙ୍କ ଅବସର ପରେ ଏବେ ଏକ ରକମର ଶୂନ୍‌ଶାନ୍ ହୋଇ ଭୂତ କୋଠି ପରି ପଡ଼ିରହିଛି। ମହାବିଦ୍ୟାଳୟ ର ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ନନ୍ଦିନୀ ଛାତ୍ରୀ ନିବାସ ମଧ୍ୟରେ ରହୁଛନ୍ତି। ଜଣେ କର୍ମଚାରୀ ପ୍ରତିଦିନ ଉକ୍ତ ବାସଭବନକୁ ସଫାସୁତୁରା କରୁଛି ବୋଲି ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି।



## ଦେବଝରନ ଇକୋ ଟୁରିଜିମ୍

# ଅକାମୀ ପଡ଼ିରହିଛି ବୋଟ୍

ସମ୍ବଲପୁର, ୨।୧(ସମିସ)

ଜଳ ଭଣ୍ଡାରରେ ବୋଟ୍ ଗୁଡ଼ିକ ଚାଲିଥାଏ। ହେଲେ ବୋଟ୍ ଗୁଡ଼ିକୁ ୱାଚ୍ ଟାୱାର ପରିସରରେ ମାଟି ଉପରେ ବର୍ଷ ତମାମ ରଖାଯାଇଛି। ସୁରକ୍ଷା ଦୃଷ୍ଟିରୁ ତାରବାଡ଼ ଭିତରେ ରହିଛି। ଯେଉଁ ପର୍ଯ୍ୟଟକମାନେ ଗଲେ କହୁଛନ୍ତି ଜଳଭଣ୍ଡାର ବଦଳରେ





ୱାଚ୍ ଟାୱାର ପରିସରରେ ମାଟିରେ ଭାସୁଛି କି ବୋଟ୍ ବୋଲି କହୁଛନ୍ତି। ଏଭଳି ଅବହେଳା ଯୋଗୁଁ ଲକ୍ଷାଧିକ ଟଙ୍କାରେ କିଣା ଯାଇଥିବା ବୋଟ୍ ଏବେ ନଷ୍ଟ ହେବାକୁ ବସିଛି ବୋଲି ଅଭିଯୋଗ କରିଛନ୍ତି। ବୋଟ ଚାଲୁ ରହିଲେ ପର୍ଯ୍ୟଟକ ସଂଖ୍ୟା ନିଶ୍ଚିତ ବୃଦ୍ଧି ପାଆନ୍ତି ବୋଲି ମତପ୍ରକାଶ ପାଉଛି। ହେଲେ ଚଳିତ ପର୍ଯ୍ୟଟନ ଋତୁରେ ବନ ବିଭାଗ ବୋଟ୍ ଚଳାଇବାରେ ସକ୍ଷମ ହେବ ନା ପଡ଼ିରହିବ ତାହାକୁ ଅପେକ୍ଷା ରହିଛି।

ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ କୟାକୁଦ ପଞ୍ଚାୟତରେ ରହିଛି ଏହି ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳ ଦେବଝରନ। ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକ ବର୍ଷ ତମାମ ଆସନ୍ତି। ଇକୋ ଟୁରିଜମ୍ ଭାବେ ଘୋଷଣା ହେବା ପରେ ୪ବର୍ଷ ତଳେ ଏହାର ରୂପରେଖ ବଦଳି ଯାଇଥିଲା। ବନ ବିଭାଗ ପକ୍ଷରୁ ବୋଟିଂ ସେବା, ଟ୍ରାକିଂ ସୁବିଧା, ବଣଭୋଜି କରିବା ପାଇଁ ପିଣ୍ଡି, ଗେଟ, ପରିଶ୍ରାଗାର ଭଳି ଅନେକ ଉନ୍ନୟନ କାମ ହୋଇଥିଲା। ପ୍ରାୟ ୧ କୋଟି ଟଙ୍କା ଏଥିପାଇଁ ଖର୍ଚ୍ଚ କରାଯାଇଛି। ବୋଟିଂ ସାମଗ୍ରୀ କିଣାବା ସମୟରେ ତତ୍କାଳୀନ ବନଖଣ୍ଡ ଅଧିକାରି ବିବାଦ ଘେରକୁ ଆସିଯାଇଥିଲେ। ସ୍ଥାନୀୟ ବନ ସୁରକ୍ଷା ସମିତି ଓ ଦେବଝରନ ବିକାଶ ମଞ୍ଚ ପକ୍ଷରୁ ଅଭିଯୋଗ କ୍ରମେ ଦେଇଥିବା ବୋଟ୍ ଗୁଡ଼ିକ କମ୍ପାନୀ ଫେରାଇ ନେଇ ଅନ୍ୟ ବୋଟ୍ ଦେଇଥିଲା। ବନ ବିଭାଗ ବନ ସୁରକ୍ଷା ସମିତ ଓ ଲୋକମାନଙ୍କୁ ନେଇ ଜଳଭଣ୍ଡାରେ ବୋଟ୍ ଗୁଡ଼ିକ ଟ୍ରାଏଲ କରିବା ସହ ୮ ଜଣ ଯୁବକଙ୍କୁ ବୋଟ୍ ଚଳାଇବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ସମାଜିକ, ଆର୍ଥିକ ଅଭିବୃଦ୍ଧି ହେବ ବୋଲି ଆଶା କରାଯାଉଥିଲା। ହେଲେ ଏବେ ସେମାନେ ନିରାଶ ହୋଇଯାଇଛନ୍ତି। ଲକ୍ଷାଧିକ ଟଙ୍କାରେ କିଣାଯାଇଥିବା ବୋଟ୍ ଗୁଡ଼ିକ ୱାଚ୍ ଟାୱାର ପରିସରରେ ତାର ଜାଲି ଦେଇ କଡ଼ା ସୁରକ୍ଷାରେ ରଖାଯାଇଛି। ଜଳ ଭଣ୍ଡାରରେ ଚାଲିବା ବଦଳରେ ଶୁଖିଲା ମାଟିରେ ପଡ଼ିରହିଛି। ଏଥିପାଇଁ ବନ ବିଭାଗକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକମାନେ। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଜଙ୍ଗଲ, ପାହାଡ଼, ଝରଣା ଓ ଜଳ ଭଣ୍ଡାର ରହିଛି। ବିକାଶ ଆଖିଦୃଶିଆ ହୋଇପାରିଲା ନାହିଁ। ଗାଡ଼ି ପାର୍କିଂ କରିବା ପାଇଁ କୌଣସି ସୁବିଧା କରାଯାଇ ନାହିଁ। ବଣଭୋଜି ପାଇଁ ଭିତ୍ତିଭୂମିର ସେପରି ବିକାଶ ହୋଇନାହିଁ। ପାନୀୟ ଜଳ ସମସ୍ୟା ଗୁରୁତର ଭାବେ ରହିଛି। ପର୍ଯ୍ୟଟନସ୍ଥଳର ସଫେଇ ଓ ସଚେତନ

### ତାଲିମପ୍ରାପ୍ତ ଯୁବକ ବେକାର ବୁଲୁଛନ୍ତି
### ସପ୍ତାହ ମଧ୍ୟରେ ଚାଲିବ: ଏସିଏଫ୍

କରାଯାଉ ନାହିଁ। ପର୍ଯ୍ୟଟକଙ୍କ ଆବଶ୍ୟକତା ଅନୁଯାୟୀ ଏଠାରେ ଦୋକାନ ବଜାର ନାହିଁ। ଜଳପ୍ରାପାତରେ ଦୁର୍ଘଟଣାର ଆଶଙ୍କା ରହୁଛି। ୪ବର୍ଷ ତଳେ ପ୍ରତିଷ୍ଠିତ ସମୁଦ୍ର ବୁଡାଳି ସବିର ବକ୍ସଙ୍କ ନେତୃତ୍ୱରେ ଏକ ଟିମ୍ ଜଳଭଣ୍ଡାରରେ ଭିତରେ ସର୍ଭେ କରି ବୋଟ୍ ଚଳାଚଳ ପାଇଁ ରାସ୍ତା ନିର୍ଦ୍ଧାରଣ କରିଥିଲେ। ବୋଟିଂ ପାଇଁ ସବିର ବକ୍ସଙ୍କ ଟିମ୍ ଏକ ସ୍ପିଡ୍ ବୋଟ୍ ଆଣି ଦେବଝରନ୍‌ରେ ଟ୍ରାଏଲ୍ ରନ୍ ବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୮ ସିଟ ବିଶିଷ୍ଟ ଗୋଟିଏ ସ୍ପିଡ୍ ବୋଟ୍ ଓ ୨ଟି ପେଡ଼ାଲ୍ ବୋଟ୍ ଆସିଥିଲା। ତେବେ ଦେବଝରଣ ବିକାଶ ମଞ୍ଚ ଉକ୍ତ ବୋଟଟି ପୁରୁଣା ବୋଲି ଅଭିଯୋଗ କରିବା ପରେ ବିବାଦୀୟ ପରିସ୍ଥିତିରେ ତାହା ଗାଏବ ହୋଇ ଯାଇଥିଲା। ଦେବଝରନ୍ ଜଳଭଣ୍ଡାରରେ ବୋଟିଂ ଯୋଜନା ଫେଲ ମାରିଛି। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକ ନିରାଶ ହେଉଛନ୍ତି। ଏ ସମ୍ପର୍କରେ ଏସିଏଫ୍ ତଥା ଭାରପ୍ରାପ୍ତ ସଦର ରେଞ୍ଜର ହରି ଶଙ୍କର ନାଏକଙ୍କ କହିଛନ୍ତି ଯେ, ବୋଟ ଚଲାଇବା ପାଇଁ ସମାନ୍ୟ କାଗଜ ପତ୍ର ସମସ୍ୟା ରହିଛି। ଏହା ସମାଧାନ ହୋଇଯିବ। ଗତ ସପ୍ତାହରେ ପରୀକ୍ଷା କରାଯାଇଥିଲା। ଯଥାଶୀଘ୍ର ବୋଟ୍ ଚଳାଚଳ ବ୍ୟବସ୍ଥା ଆରମ୍ଭ ହେବ ବୋଲି କହିଥିଲେ।

# ନବବର୍ଷ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

**ରେଢ଼ାଖୋଲ, ୨।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ ପଞ୍ଚାୟତରେ ନବବର୍ଷ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପିଣ୍ଟୁ ପ୍ରଧାନ, ଦୀନେଶ ବେହେରା ଓ ବାବୁଲି ପ୍ରଧାନଙ୍କ ନେତୃତ୍ୱରେ ନୂତନ ବର୍ଷ ୨୦୨୪ କୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। କୁନି କୁନି ଶିଶୁ କଳାକାର ମାନଙ୍କୁ ନେଇ ନୃତ୍ୟ, ସଙ୍ଗୀତ ସହିତ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ କଳାକାର ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ଗ୍ରାମର ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ମଧ୍ୟ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ପ୍ରଥମକରି ଆରମ୍ଭ ହୋଇଥିବା ବେଳେ ଆଗକୁ କିପରି ବଡ଼ ଧରଣର ହୋଇପାରିବ ତାହା ଉପରେ ମଞ୍ଚାସିନ ଅତିଥି ଗଣ ବକ୍ତବ୍ୟ ପ୍ରଦାନ କରି ଜନ ସାଧାରଣ ଓ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ।











# ବ୍ଲକସ୍ତରୀୟ ମିଶନଶକ୍ତି ଋଣ ମେଳା



**ଝାରବନ୍ଧ, ୨।୧(ସମିସ):** ଝାରବନ୍ଧ ବ୍ଲକ କାର୍ଯ୍ୟାଳୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ପାଇଁ ଏକ ଋଣ ମେଳାର ଆୟୋଜନ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କ ପକ୍ଷରୁ ୧୪୪ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪.୮୫ କୋଟି ଋଣ ପ୍ରଦାନ କରାଯାଇଛି। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବରେ ଚେକ ପ୍ରଦାନ କରିଥିଲେ। ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ଡିପିଏମ ଶଙ୍କର ଚଲାନ, ଏଲଡିଏମ ମହେଶ୍ୱର ସାହୁ, ସିଡିପିଓ ସନ୍ଧ୍ୟାରାଣୀ ନେପାକ ମଞ୍ଚାସୀନ ଥିଲେ। ବିଭିନ୍ନ ବ୍ୟାଙ୍କରୁ ସରୋଜ ଲାକ୍ରା, ସୁରେଶ ସାହୁ, ଚିତ୍ରସେନ ପଧାନ, ଶ୍ୟାମେଶ ସାହୁ, ବିରଜା ପ୍ରସାଦ ମଲ୍ଲିକ ଉପସ୍ଥିତ ଥିଲେ। ବିପିଏମ ସତ୍ୟ କୁମ୍ଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିପିସି ରବିଶଙ୍କର ନାଏକ ବ୍ୟାଙ୍କଋଣ ବିବରଣୀ ପଠନ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ୧୦୦ଟି ଏସଏଚଜିକୁ ୪ କୋଟି, ଓଡ଼ିଶା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ୨୦ଟି ଗ୍ରୁପକୁ ୩୯.୮୦ ଲକ୍ଷ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଜଗଦଲପୁର ୧୨ଟି ଗ୍ରୁପକୁ ୧୯.୩୧ ଲକ୍ଷ, ଝାରବନ୍ଧ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ୧୦ଟି ଗ୍ରୁପକୁ ୧୯.୧୧ ଲକ୍ଷ ଓ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କ ୨ଟି ଗ୍ରୁପକୁ ୭ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଥିଲେ। ସିଡିପିଓ ସନ୍ଧ୍ୟାରାଣୀ ନେପାକ ଧନ୍ୟବାଦ ଦେଇଥିଲେ।

# ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ୩୯ତମ ବାର୍ଷିକ ସମାବେଶ

**ପାଇକମାଲ, ୨।୧ (ସମିସ)**

ପାଇକମାଲ ବ୍ଲକ ବୁକ୍ରାମୁଣ୍ଡା ମହିମା ଆଶ୍ରମ (ପଲସନୀ)ବାବା ମଠରେ ପରିଷଦର ୩୯ତମ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଆବାହକ ଦୁର୍ଯ୍ୟୋଧନ ପୁଟାଙ୍କ ସଭାପତିତ୍ୱରେ ସଭାକୁ ପୂର୍ବତନ ଆବାହକ ଭୀଷ୍ମଦେବ ପଟେଲ ପରିଚାଳନା କରିଥିଲେ। ପୂର୍ବତନ ଆବାହକ ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଟେମରୀ ସରପଞ୍ଚ ଦିଲ୍ଲୀପ ବେହେରା, ରାସବିହାରୀ ସାହୁ, ରଘୁବୀର ସିଂ ବରିହା ଯୋଗଦାନ କରିଥିଲେ। ପ୍ରଥମେ ହରିଶଙ୍କର ଶାଖାରୁ ଆସିଥିବା ମଶାଲ ଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଐତିହାସିକ ଗନ୍ଧମାର୍ଦ୍ଦନ ସୁରକ୍ଷା ନେଇ ଗଙ୍ଗାଧର ସାହୁ ସଂଗୀତ ଗାନ କରିଥିବା ବେଳେ ଶୁକ୍ରୁ ସାହୁ, ଗୌର ବାରିକ, ଭାଗବତ ବେହେରା, ପୁରନ୍ଦର ସାହୁ, ଧବଳେଶ୍ୱର ବରିହା, ବିରାଲାଲ ଧାରୁଆ, ଦୟାନନ୍ଦ ମାଝୀ, ଭୀଷ୍ମଦେବ ସାହୁ, ଦୀନବନ୍ଧୁ ସାହୁ, ଓଁମକାନ୍ତି ସାହୁ, ଗଣେଶୀ ତାଣ୍ଡି, ଉର୍ମିଳା ମେହେର, ଶୁଭାସିନି ପଧାନ, ଲକ୍ଷ୍ମୀ ଭୋଇ, ପ୍ରତିମା ବଗାର, ସୁଶୀଳା ବରିହା, ଯୁଗ୍ମ ଆବାହକ ସୁଶୀଲ ଗୁରୁ, ଅଭୟ ତ୍ରିପାଠୀ, ବିପ୍ର ବିଶି ମତ ରଖିଥିଲେ। ପରିଷଦ ତରଫରୁ ପ୍ରତେକ ମଣ୍ଡିକୁ ଯାଇ ଚାଷୀଙ୍କୁ ଭେଟି ମିଲର ଠାରୁ ହେଉଥିବା କଟନୀ ଛଟନୀ ଓ ଚାଷୀ ସମସ୍ୟା ନେଇ ଏକ ପ୍ରତିନିଧି ଦଳ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୁରେନା ଗ୍ରାମର ଜୟଜଗନ୍ନାଥ କୀର୍ତ୍ତନ କଳାକାରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପରିଷଦ ତରଫରୁ ସମ୍ମାନିତ କରାଯାଇଛି। ଯୁବ ପରିଷଦର ଯୁଗ୍ମ ଆବାହକ ସୁଶୀଲ ଗୁରୁଙ୍କୁ ଆକ୍ରମଣ କରିଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଜେଲ୍ ଏବଂ ଚାକିରିରୁ ନିଲମ୍ବନ କରାଯିବା ପାଇଁ ପରିଷଦ ଦାବି କରିଛି। ଆସନ୍ତା ୪୦ତମ ବାର୍ଷିକ ସମାବେଶ ପାଇଁ ଯୁବ ପରିଷଦ ନିଷ୍ପତ୍ତି ନେଇଛି। ପୂର୍ବତନ ଆବାହକ ସୁରେଶଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ଚୋରା କାଠ ଧରିଲା ବନ ବିଭାଗ

## ୨ ଗାଡ଼ି ସହ ୩ ଅଭିଯୁକ୍ତ ଗିରଫ

**ପଦ୍ମପୁର, ୨।୧ (ସମିସ):** ପଦ୍ମପୁର ଉପଖଣ୍ଡ ଗୁଦେରପାଲି ଲାଉମୁଣ୍ଡା ରାସ୍ତାରେ ବେଆଇନ କାଠ ସହ ମିନିଟ୍ରକ୍ ଓ ଏକ କାର୍ ବନ ବିଭାଗ ଜବତ କରିଛି। ମିନି ଟ୍ରକରେ ଜଙ୍ଗଲ ମାଫିଆମାନେ ଲକ୍ଷାଧିକ ଟଙ୍କାର ଖଇର କାଠ ଭର୍ତ୍ତି କରି ଉପରେ ଭୁଷା ଦେଇଥିଲେ। ଡେପୁଟୀ ରେଞ୍ଜର ସୁଦାମ ଜଗଦଲାଙ୍କ ନେତୃତ୍ୱରେ ଫରେଷ୍ଟର ସରୋଜ ସାହୁ, ରାଧାକାନ୍ତ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ଦୋରା, ଅଶ୍ୱିନୀ ଭୋଇ, ସ୍କ୍ୱାଡ୍ରୁ କେଶରଞ୍ଜନ ବୁଡ଼େକ, ମନ ଠେଟୁଆ, ସୁଧାଂଶୁ ଶେଖର ଭଇଁଷା କାଠ ବୋଝେଇ ମିନି ଟ୍ରକକୁ ଅଟକାଇଥିଲେ। କାଠ ଚୋରି ଅଭିଯୋଗରେ ଇଛାପାଲିର ଡାକ୍ତର ରଣା, ଆମମୁଣ୍ଡାର ସନ୍ତୋଷ ସାହୁ, ସନ୍ଧିବାହାଲର ଦାଶରଥି ପଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଲଳିତ ମୋହନ ପାଣିଙ୍କ ପରଲୋକ

**ପାଇକମାଲ, ୨।୧ (ସମିସ):** ପାଇକମାଲ ବ୍ଲକ ପୁରେନା ଗ୍ରାମର ଯୁବ ସାମ୍ବାଦିକ ନିରୋଜ ପାଣୀଙ୍କ ପିତା ଲଳିତ ମୋହନ ପାଣୀଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ



ବୟସ ହେଉଥିଲା। ସେ ବରଗଡସ୍ଥିତ ବିକାଶ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ଜଣେ ସମାଜସେବୀ ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା ସ୍ୱର୍ଗତ ପାଣୀ ସମାଜସେବୀ, ସାମ୍ବାଦିକ ସ୍ୱର୍ଗତ ଭଗବାନ ପାଣୀଙ୍କ ଏକମାତ୍ର ପୁତ୍ର ଅଟନ୍ତି। ତାଙ୍କ ପଛରେ ଧର୍ମପତ୍ନୀ ନିର୍ମଳା ପାଣୀ, ଏକମାତ୍ର ପୁତ୍ର ନିରୋଜ, ପୁତ୍ରବଧୂ ଭାରତୀ, ଝିଅ ଆହ୍ଲାଦିନୀ, ନାତି ଆର୍ଦଶ ଓ ପରିବାର ବର୍ଗ ଛାଡି ଯାଇଛନ୍ତି। ନିରୋଜ ତାଙ୍କୁ ମୁଖାଗ୍ନି ଦେଇଥିଲେ। ଖବର ପାଇ ଗଣଇସ୍ତାହାର ମୁଖ୍ୟ ସଂପାଦକ ପ୍ରସନ୍ନ ମିଶ୍ର, ସାମ୍ବାଦିକ ବଳରାମ ପ୍ରଧାନ ଶେଷ ଦର୍ଶନ କରିଥିଲେ। ତାଙ୍କ ଶବାଧାରରେ ପଦ୍ମପୁର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଗନ୍ଧମାର୍ଦ୍ଦନ ସୁରକ୍ଷା ପୂର୍ବତନ ଆବାହକ ଧୀରେନ ମହାନ୍ତି, ଡା ଦେବଦତ୍ତ ମହାନ୍ତି, ଜଗବନ୍ଧୁ ରାଉତରାୟ, ପୂର୍ବତନ ସରପଞ୍ଚ ଦୁଃଶାସନ କୁମ୍ଭାର, ଜାମସେଠ ପୂର୍ବତନ ସରପଞ୍ଚ ପ୍ରମୋଦ ରାୟ, ପଦ୍ମପୁରରୁ ନରସିଂହ ପଟ୍ଟନାୟକ, ଶେଷଦେବ ପଟ୍ଟନାୟକ, ପ୍ରଭାତୀ ପଟ୍ଟନାୟକଙ୍କ ସମେତ ଜନସାଧାରଣ ଓ ଗ୍ରାମବାସୀ ଅନ୍ତିମ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପଦ୍ମପୁର ନିର୍ବାଚନମଣ୍ଡଳୀ କଂଗ୍ରେସର ବୈଠକ

**ପଦ୍ମପୁର/ପାଇକମାଲ, ୨।୧ (ସମିସ):** ପଦ୍ମପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳର ଉପଖଣ୍ଡ ଅନ୍ତର୍ଗତ ମନଭଙ୍ଗଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସ ଆଦିବାସୀ ସେଲ୍ ସଭାପତି ଗଜରାଜ ସିଂ ପୁଟାଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ବୈଠକରେ ପାଇକମାଲ ବ୍ଲକର ପୂର୍ବତନ ସଭାପତି ବିନୋଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପୂର୍ବତନ ପାଇକମାଲ ବ୍ଲକ ଅଧ୍ୟକ୍ଷ ବିନୋଦ କାଳିଆ, କଂଗ୍ରେସ ଲିଗାଲ ସେଲ୍ ସଭ୍ୟ ସନ୍ତୋଷ ଶତପଥୀ, ଝାରବନ୍ଧର ବରିଷ୍ଠ କଂଗ୍ରେସ ନେତା ଡାକ୍ତର ନରେନ୍ଦ୍ର ପଧାନ, କିଶାନ ସେଲ ରାଜ୍ୟ ସଂପାଦକ ଗୋବିନ୍ଦ ପଟେଲ, ପାଇକମାଲ କଂଗ୍ରେସ ସଭାପତି ଲିଟୁ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ନେହେରୁ ତ୍ରିପାଠୀ, ଏଡଭୋକେଟ ପ୍ରଦୀପ ଯୋଷୀ, ପ୍ରଦୀପ ସାହୁ, ପଦ୍ମପୁର ଟାଉନ ସଭାପତି ଦିଲୀପ ଦାନୀ, ପ୍ରାଣ ସାହୁ ସମେତ ପଦ୍ମପୁର, ଝାରବନ୍ଧ ଓ ପାଇକମାଲର ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ଜୟନ୍ତୀ

**ବରପାଲି,୨।୧ (ସମିସ):** ବରପାଲି ଭାଗୀରଥି ପଟ୍ଟନାୟକ ବାଳିକା ବିଦ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ କବି ପ୍ରଫୁଲ୍ଲ ପଟ୍ଟନାଏକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିନୋଦାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବରେ ଡାକ୍ତର ସୁବଳଚନ୍ଦ୍ର ମାଝୀ, ହରିଚରଣ ଖଟୁଆ, ମହେନ୍ଦ୍ର ମେହେର, ଜୟଦେବ ଗଡତିୟା, ବଜରଙ୍ଗ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଫୁଲ୍ଲ ବାବୁଙ୍କ ଜୀବନଶୈଳୀ, ଓଡିଶା ଓ ବିହାର ଝାଡ଼ଖଣ୍ଡ ପ୍ରଦେଶରେ ତାଙ୍କ ଦ୍ୱାରା ହୋଇଥିବା ସଂଗ୍ରାମର, ହିନ୍ଦୀ ଓଡିଆ କବିତା ଓ ସ୍ୱାଧିନ ଚେତନା ଲେଖନୀ ସହ ପ୍ରଫୁଲ୍ଲ ବାବୁଙ୍କ ମାତା ସ୍ୱାଧିନ ସେନାନୀ ଜମ୍ବୁବତି ଦେବୀ ଓ ପିତା ଭାଗୀରଥିଙ୍କ ତ୍ୟାଗ, ସଂଗ୍ରାମ ସମ୍ପର୍କିତ ଆଲୋଚନା କରିଥିଲେ। ପ୍ରାରମ୍ଭରୁ ଅତିଥିମାନେ ସ୍କୁଲ ପ୍ରାଙ୍ଗଣରେ ରହିଥିବା ସଂଗ୍ରାମୀ ପରିବାର ଭାଗୀରଥି, ଜମ୍ବୁବତୀ ଏବଂ ପ୍ରଫୁଲ୍ଲ ପଟ୍ଟନାଏକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ବରିଷ୍ଠ ନାଗରିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ପଦ୍ମପୁର, ୨।୧ (ସମିସ):** ପଦ୍ମପୁର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକଙ୍କ ସମ୍ବର୍ଦ୍ଧନା ସଭା ନବୀନ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ନଗର ସଭାପତି ନବକିଶୋର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱକେଶନ ଦୋରା, କ୍ଷମାନିଧି ଭୋଇ, ଭୁପତ ଗୋହିଲ, ଜୟନାରାୟଣ ତ୍ରିପାଠୀ, ଅମୂଲ୍ୟ ସାହୁ, ଲକ୍ଷ୍ମୀନାରାୟଣ ଷଡଙ୍ଗୀ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ପାଣିଗ୍ରାହୀଙ୍କ ସଞ୍ଚାଳନରେ ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଚିତ୍ତରଞ୍ଜନ ଦାଶ, ବେଣୁମାଧବ ଦୋରା, ଶ୍ୟାମାପଦ ସିହ୍ନା, ପୁରନ୍ଦର ଦୋରା, ଭୁବନେ ସାହୁ, ସୁରେନ୍ଦ୍ର ମେହେର, ଚନ୍ଦ୍ରକଳା ମେହେର ପ୍ରମୁଖ ବରିଷ୍ଠ ନାଗରିକ ସ୍ୱର୍ଗତଃ ବିଜୟ ରଞ୍ଜନ ସିଂ ବରିହାଙ୍କ ପଦ୍ମପୁର ଅଞ୍ଚଳ ପ୍ରତି ଅବଦାନର ସ୍ମୃତି ଚାରଣ କରିଥିଲେ। ବିଧାୟିକା ଶ୍ରୀମତି ସିଂ ବରିହା ବରିଷ୍ଠ ନାଗରିକମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ମଶାନ ଘାଟର ପୁନରୁଦ୍ଧାର, ବରିଷ୍ଠ ନାଗରିକଙ୍କ ଆମୋଦପ୍ରମୋଦ କେନ୍ଦ୍ର ନିର୍ମାଣ କରିବାକୁ ନାଗରିକମାନେ ଦାବି କରିଥିଲେ। ସମସ୍ତଙ୍କ ସହଯୋଗରେ ସମସ୍ତ କାମ ହୋଇପାରିବ ବୋଲି ବିଧାୟିକା କହିଥିଲେ। ଏକତା ମହାପାତ୍ର ପୂର୍ବତନ ବିଧାୟକ ଦିବଂଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ଏକ ଫଟୋଚିତ୍ର ବିଧାୟିକାଙ୍କୁ ସ୍ମୃତିଚିହ୍ନ ଭାବରେ ପ୍ରଦାନ କରିଥିଲେ। ପ୍ରଶାନ୍ତ ମହାନ୍ତି, ଡ.ବିରଞ୍ଚି ସାହୁ, ସୂର୍ଯ୍ୟକୁମାର ହୋତା, କିଶୋର ମେହେର, ଉମେଶ ସାହୁ, ସୌମ୍ୟ ହୋତା, କୁଞ୍ଜ ତନସନା, ଶୋନୁ ଦାଶ, ମନୋରମା ମହାପାତ୍ର, ନନ୍ଦୁ ପାଣିଗ୍ରାହୀ, ଜୟରାମ ଉପସ୍ଥିତ ରହିଥିଲେ। ନବକିଶୋର ସାହୁ ଧନ୍ୟବାଦ ଦେଇଥିଲେ।



# ଆଦିବାସୀଙ୍କ ସମସ୍ୟା ସମ୍ପର୍କିତ ଆଲୋଚନା

**ବରପାଲି,୨।୧ (ସମିସ):** ବରପାଲି ବ୍ଲକ କାର୍ଯ୍ୟାଳୟରେ ସରକାରୀ ଯୋଜନା ସମ୍ବନ୍ଧିତ ସମସ୍ୟା ଉପରେ ଆଦିବାସୀ ନେତାଙ୍କ ଆଲୋଚନା ହୋଇଯାଇଛି। ମଙ୍ଗଳବାର ବରମକେଲା ପଞ୍ଚାୟତରେ ଦେଖାଦେଉଥିବା ବିଭିନ୍ନ ଯୋଜନାର ଅସଫଳ କାର୍ଯ୍ୟକ୍ରମକୁ ନେଇ ବିଡିଓ ପ୍ରସନ୍ନ ପାଣ୍ଡେଙ୍କ ସହ ଆଦିବିସୀ ନେତା ତ୍ରିଲୋଚନ ଭୁଏଙ୍କ ନେତୃତ୍ୱରେ ଆଲୋଚନା ମାଧମରେ ସମାଧାନ ପାଇଁ ଦାବି ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଏବଂ ମଧୁବାବୁ ପେନସନ, ଜାତୀୟ ପରିବାର ମଙ୍ଗଳ ଯୋଜନା, ନୂତନ ରାସନ୍ କାର୍ଡ, ବିଶ୍ୱକର୍ମା ଯୋଜନା ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଡିଓ ଶ୍ରୀ ପାଣ୍ଡେ ସମସ୍ୟାର ଗୁରୁତ୍ୱ ପ୍ରତି ଧ୍ୟାନ ଦେବା ସହ ନିଶ୍ଚିତ ଆଗାମୀ ଦିନରେ ଉଚିତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଅସହାୟଙ୍କୁ ଶୀତବସ୍ତ୍ର ବାଣ୍ଟି ନବବର୍ଷ ପାଳିଲେ ଶିକ୍ଷକ

**ପଦ୍ମପୁର, ୨।୧ (ସମିସ):** ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ବାଦିକଟା, ଲଖମରା ଓ ଟେମରି କ୍ଲଷ୍ଟର ଶିକ୍ଷକଙ୍କ ଦ୍ୱାରା ନୂତନ ବର୍ଷ ୨୦୨୪ର ପ୍ରଥମ ଦିନରେ ବୈତାଳଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧରଣୀଧର ଶବରଙ୍କ ସଂଯୋଜନା ଓ ପ୍ରଧାନଶିକ୍ଷକ ଚକାମନ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମାଜସେବୀ କୃଷ୍ଣଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଶିକ୍ଷକ ପୁରୁଷୋତ୍ତମ ରାଉତ ସମ୍ମାନିତ ଅତିଥି, ଶିକ୍ଷକ କୁବେର ଦାସ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ। ଗ୍ରାମର ୨୦ ଜଣ ଅସହାୟ, ଅନାଥ ଓ ବିଧବା ମହିଳାଙ୍କୁ ସହ ଭୋଜନ ସହ ଶୀତବସ୍ତ୍ର (କମ୍ବଳ) ପ୍ରଦାନ କରାଯାଇଥିଲା। ତପସ୍ୱିନୀ କିସାନ, ମହାନନ୍ଦ ବରିହା, ଦେବବ୍ରତ ମେହେର, ବ୍ରଜକିଶୋର ଭୀଲ, ପିଛାଲୁ ବାରିକ, ଯାମିନୀ ରଞ୍ଜନ ସାହା, ଚିତାନନ୍ଦ ସାହୁ, ବିନୋଦ ପ୍ରଧାନ, ପୂର୍ଣ୍ଣ ନେଗୀ, ବୈଷ୍ଣବ ପଟେଲ, ବାସୁଦେବ ପିଞ୍ଜରା, ହୀରାଲାଲ ବିଶ୍ୱାଳ, ଯୁଧିଷ୍ଠିର ପ୍ରଧାନ, ମନୋହର ବରିହା, ସୁଷମା ପାତ୍ର, ଗୁଣନିଧି ପ୍ରଧାନ, ବିନୋଦ ଚୋଖୀ, ବସନ୍ତ ତନସନା, ସରିତା ସାହୁ, ଗୀତାଞ୍ଜଳି ବରିହା ପ୍ରମୁଖ ଶିକ୍ଷକ-ଶିକ୍ଷୟିତ୍ରୀ ନିଆରା ଢଙ୍ଗରେ ନବବର୍ଷ ପାଳନ କରିଥିଲେ।



# ବିଶ୍ୱକଲ୍ୟାଣ ନିମିତ୍ତ ଚଣ୍ଡୀ ହୋମଯଜ୍ଞ



**ବିଜେପୁର, ୨।୧(ସମିସ):** ବିଜେପୁରସ୍ଥିତ ଗୋପଟିକ୍ରା ନିତ୍ୟାନନ୍ଦ ଆଶ୍ରମରେ ନବବର୍ଷ ଅବସରରେ ବିଶ୍ୱକଲ୍ୟାଣ ନିମିତ୍ତ ଚଣ୍ଡୀହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦାମୋଦର କଟାରୁ ପୂର୍ଣ୍ଣ କଳସ ସ୍ଥାପନ ସହ ପୂଜାର୍ଚ୍ଚନା କରାଯାଇଥିଲା। ଦୁର୍ଗା ପୂଜା କମିଟି ପକ୍ଷରୁ ଆୟୋଜିତ ପୂଜାନୋତ୍ସବରେ ରାଜପୁରୋହିତ କିଶୋରଚନ୍ଦ୍ର ପୂଜାରୀ ମନ୍ତ୍ରପାଠ ତଥା ପୂଜାକର୍ମ ସମ୍ପାଦନ କରିଥିଲେ। ପୂଜାର କର୍ତ୍ତା ଭାବେ ରଜନୀକାନ୍ତ ଗଡତିୟା, ମନୋଜ ଦାଶଶର୍ମା, ନରେନ୍ଦ୍ର ମହାପାତ୍ର, ସୁବ୍ରତ ରଥ, ତାପସ ଗଡତିୟା, ପ୍ରେମାନନ୍ଦ ମହାପାତ୍ର, ଗୌରାଙ୍ଗ ପଧାନ, ଭାଗବତ ପଧାନ, ପାଣ୍ଡବ ପଧାନ, ଏସ ଗଡତିୟା ପ୍ରମୁଖ ରହିଥିଲେ। ପରେ ପୂର୍ଣ୍ଣାହୁତୀ ସହ ଯଜ୍ଞ ଉଦ୍‌ଯାପିତ ହୋଇଥିଲା।

# ବନ୍ଧା ଗ୍ରାମରେ ନବବର୍ଷ ସାଂସ୍କୃତିକ ସଂଧ୍ୟା

# ‘ସୁଖା ଅଞ୍ଚଳର ଭୁଖା ଲୋକ୍’ ମଞ୍ଚସ୍ଥ

**ବରଗଡ଼, ୨।୧(ସମିସ)**

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ବନ୍ଧା ଗ୍ରାମରେ ସମଲେଶ୍ୱରୀ ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ନବବର୍ଷ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଶିଷ୍ଟ କଳାକାର ସୁରପତି ପ୍ରଧାନଙ୍କ ସଂଯୋଜିତ ସାଂସ୍କୃତିକ ସନ୍ଧ୍ୟାରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସମ୍ମାନିତ ଅତିଥି ଗୋପବନ୍ଧୁ ପୁରୋହିତ, ଜମୁର୍ଡା ସରପଞ୍ଚ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ସମଲେଇ ଓ ଜଗନ୍ନାଥ ସଂସ୍କୃତିର ସାମଞ୍ଜସ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଶିଷ୍ଟ ନାଟ୍ୟକାର ନିରଞ୍ଜନ ଖମାରୀଙ୍କ ସମ୍ବଲପୁରୀ/କୋସଲୀ ନାଟକ ‘ସୁଖା ଅଞ୍ଚଳର ଭୁଖା ଲୋକ’ ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଖମାରୀ ଓ ମହିଳା ସ୍ୱୟ ସହାୟକ ଗୋଷ୍ଠୀର ସଦସ୍ୟା ବିନୋଦିନୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ଅତିଥି ଭାବେ ସୁରଥ ଦାଶ, ଅବଧୂତ ପ୍ରଧାନ, କାର୍ତ୍ତିକ ପ୍ରଧାନ, ରମେଶ ପାଣ୍ଡେ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବନ୍ଧା ଗ୍ରାମବାସୀ ସହଯୋଗ କରିଥିଲେ।



# ‘ଜନମ ଅଷ୍ଟମୀ ରାତିର୍’ ଲୋକାର୍ପିତ



**ବରଗଡ଼, ୨।୧(ସମିସ):** ବରଗଡ଼ ବରାହଗୋଡାସ୍ଥିତ ଅର୍ଦ୍ଧନାରୀଶ୍ୱର ମନ୍ଦିର ପରିସରରେ କୋସଲୀ କବି ଦୟାନିଧି ମେହେରଙ୍କ ରଚିତ ଖଣ୍ଡକାବ୍ୟ ‘ଜନମ ଅଷ୍ଟମୀ ରାତିର୍’ ଲୋକାର୍ପିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ତିଳକରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ତଥା ସାହିତ୍ୟିକ ମନୋରଞ୍ଜନ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମୀକ୍ଷକ ଭାବେ ପଞ୍ଚାୟତ କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଡ. ଶେଷାନ ବିଶି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତରଣୀସେନ ବୁଧିଆ ପୁସ୍ତକଟିର ଭାବପୂର୍ଣ୍ଣ ସମୀକ୍ଷା କରିଥିଲେ। କବି ଦୟାନିଧି ମେହେର ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ସାହିତ୍ୟିକ ଡ. ରବିନାରାୟଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସସ୍ମିତା ମେହେର, ବାସନ୍ତୀ ପ୍ରଧାନ, ଚତୁର୍ଭୁଜ ମେହେର, ଦୟାନିଧି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରମେଶଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସହର ଜଗିବ ସିସିଟିଭି, ଟ୍ରାଫିକ୍ ଲାଇଟ୍

**ଝାରସୁଗୁଡ଼ା, ୨।୧(ସମିସ)**

ରାଜ୍ୟର ପାୱାର ହାଉସ୍ ଭାବରେ ପରିଚିତ ଝାରସୁଗୁଡ଼ା ସହରରେ ଅପରାଧ ନିୟନ୍ତ୍ରଣ ସହିତ ଜନସାଧାରଣଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ସହରର ବିଭିନ୍ନ ଛକ ସହିତ ସମ୍ବେଦନଶୀଳ ସ୍ଥାନମାନଙ୍କରେ ଅତ୍ୟାଧୁନିକ ସିସିଟିଭି କ୍ୟାମେରା ସ୍ଥାପନ କରାଯିବ। ଏ ନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ଏହା ପୂର୍ବରୁ ସହରର କେତେକ ସ୍ଥାନରେ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଥିଲା। ନାଇଟ୍ ଭିଜନ କ୍ୟାମେରା ସହିତ ନମ୍ବର ପ୍ଲେଟ ଡ଼ିଟେକସନ୍, ଫେସ ରେକଗନାଇଜ୍ କ୍ୟାମେରା ମଧ୍ୟ ସହରର ବିଭିନ୍ନ ଗଳି କନ୍ଦିରେ ଲଗାଯାଉଛି। ଝାରସୁଗୁଡ଼ା ସହରରେ ସମ୍ପୂର୍ଣ୍ଣ ଭାବରେ ଏହି କ୍ୟାମେରା ସ୍ଥାପନ ହେଲେ ନିଶ୍ଚିତ ଭାବରେ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ସଫଳତା ମିଳିବ ବୋଲି ଝାରସୁଗୁଡ଼ା ଏସପି ପରମାର ସ୍ମିଥ ପୁରୋଷତ୍ତମ ଦାସ ସୂଚନା ପ୍ରଦାନ କରିଛନ୍ତି। ସେହିପରି ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଭିନ୍ନ ଛକରେ ଟ୍ରାଫିକ ଲାଇଟ ମଧ୍ୟ ସ୍ଥାପନ କରାଯାଉଛି। ଏବେ କେତେକ ସ୍ଥାନରେ ଏହି ଟ୍ରାଫିକ ଲାଇଟ ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଝାରସୁଗୁଡ଼ା ସହରର ସମସ୍ତ ଟ୍ରାଫିକ ଛକମାନଙ୍କରେ ଟ୍ରାଫିକ ଲାଇଟ ଲଗାଯିବ ବୋଲି ଏସପି ସୂଚନା ଦେଇଛନ୍ତି। ସିସିଟିଭି କ୍ୟାମେରା କେବଳ ଟାଉନ ଭିତରେ ନ ଦେଇ ଜିଲ୍ଲାର ବିଭିନ୍ନ ଦୁର୍ଘଟଣାପ୍ରବଣ ଅଞ୍ଚଳ ତଥା ଚିହ୍ନଟ ହୋଇଥିବା ବ୍ଲାକ୍ ସ୍ପଟମାନଙ୍କରେ ସ୍ଥାପନ କରିବାକୁ ଦାବି ହୋଇଛି।




## ଚକାଜାମ୍‌ର ଦ୍ୱିତୀୟ ଦିନରେ କୋଇଲା ପରିବହନ ପ୍ରଭାବିତ

**ଝାରସୁଗୁଡ଼ା, ୨।୧(ସମିସ):** ଡ୍ରାଇଭରମାନଙ୍କ ଦୁର୍ଘଟଣା ଉପରେ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶ ପାଇଁ ସର୍ବଭାରତୀୟ ସ୍ତରରେ ଚାଲିଥିବା ଚକାଜାମ୍ ଓ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିନରେ ଆନ୍ଦୋଳନ ଯୋଗୁଁ ଜିଲ୍ଲାର ବିଭିନ୍ନ କୋଇଲା ଖଣିରୁ କୋଇଲା ପରିବହନ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଛି। ଆଜି ମଧ୍ୟ ରାସ୍ତାକଡ଼ାରେ ହଜାର ହଜାର କୋଇଲା ଟ୍ରକ ଛିଡ଼ା ହୋଇ ରହିଛି। ରାଜ୍ୟ ବାହାରୁ ଆସିଥିବା ଅନେକ ଡ୍ରାଇଭର ଟ୍ରକ ଗୁଡ଼ିକୁ ଛିଡ଼ାକରି ଛତିଶଗଡ଼, ଝାଡ଼ଖଣ୍ଡ, ବିହାର ଓ ଉତ୍ତରପ୍ରଦେଶ ଚାଲି ଯାଇଛନ୍ତି। ଏହି ଟ୍ରକ ଆନ୍ଦୋଳନ ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଛି। ଏମିତିକି କୋଇଲା ଉପରେ ନର୍ଭର କରୁଥିବା ଅନେକ ଶିଳ୍ପ ସଂସ୍ଥା ଆଗାମୀ ଦିନରେ ଗୁରୁତର ଭାବରେ ପ୍ରଭାବିତ ହେବାର ଆଶଙ୍କା ରହିଛି।

## ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଇଂରାଜୀ ନବବର୍ଷ ଉପଲକ୍ଷେ କବିତା ପାଠୋତ୍ସବ

**ଦେବଗଡ଼, ୨।୧(ସମିସ):** ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ଓ ଇଂରାଜୀ ନବବର୍ଷ-୨୦୨୪ କୁ ସ୍ୱାଗତ ଜଣାଇ ବାମଣ୍ଡା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲଠାରେ ଏକ ସାରସ୍ୱତ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଆବାହକତ୍ୱ ଓ ଶଶୀଭୂଷଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ରାମଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଜିଲ୍ଲାର ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସଂସଦର ସଦସ୍ୟ ରାମଚନ୍ଦ୍ର ପ୍ରଧାନ, ଗୌରହରି ଷଡଙ୍ଗୀ, ଯତୀନ୍ଦ୍ର ପ୍ରଧାନ, ଜଗମୋହନ ସାହୁ, ଚିତ୍ତରଞ୍ଜନ ଦାସ ଓ ମନୋରଞ୍ଜନ ସୁତାର ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଲ୍‌ଦୁଲିରେ ବେବି ସୋ 'ତୁ ମୋ ଆଖିର ତାରା'

**ଝାରସୁଗୁଡ଼ା, ୨।୧, (ସମିସ):** ୨୨ତମ ଜିଲ୍ଲା ମହୋତ୍ସବ ଦୁଲ୍‌ଦୁଲିର ଦ୍ୱିତୀୟ ଦିବସର ପୂର୍ବାହ୍ନରେ ୪ଗୋଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମ କାର୍ଯ୍ୟକ୍ରମ ଭାବେ ସାହାଡ଼ା ପକ୍ଷରୁ ଆୟୋଜିତ ବେବି ସୋ 'ତୁ ମୋ ଆଖିର ତାରା' ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ବୃନ୍ଦାବତୀ ପଣ୍ଡା, ସିଡିପିଓ ବିଦ୍ୟୁତପ୍ରଭା ନାଗ, ସାହାଡ଼ା ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ, ଆଇସିଡିଏସ୍ ସୁପରଭାଇଜର ସୁପ୍ରଭା ପାଣ୍ଡେ ଓ ଉପମା ବାଗ ପରିଚାଳନା କରିଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମ ଭାବେ ଅଣଛାତ୍ର ଓ ବୁଦ୍ଧିଜୀବୀମାନଙ୍କୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହିମାଂଶୁଶେଖର ବରପଣ୍ଡା, ରଞ୍ଜିତା ବରପଣ୍ଡା, ସୁଧୀର ମହାପାତ୍ର, ସଞ୍ଜାଲି ମୁଖର୍ଜି ଏବଂ ରାଜେଶ ପାଢ଼ୀ ପରିଚାଳନା କରିଥିବା ବେଳେ ନଅ ଗୋଟି ଗ୍ରୁପ ଅଂଶଗ୍ରହଣ କରିଥିଲେ। ଚତୁର୍ଥ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ କଳାକାର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱ ଦେଖ ମଧୁମୟ ପରିବେଷଣ ପୂର୍ବକ ନାଚ ଗୀତ ଦର୍ଶକଙ୍କୁ ଆକର୍ଷିତ କରିଥଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରଗଡ଼ ଜିଲ୍ଲା ଧନୁଯାତ୍ରାର ପୂର୍ବତନ କଂସ ମହାରାଜା ଗୋପାଳ ସାହୁ ଯୋଗ ଦେଇଥିଲେ।



## 'ସେୱା'ର ୩୩ତମ ବାର୍ଷିକୋତ୍ସବ

**କୋଲାବିରା, ୨।୧(ସମିସ):** କୋଲାବିରା ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେୱା (ସୋସିଆଲ ଏଜୁକେସନ ଫର ଓମେନ୍ ଆୱାରନେସ)ର ମଙ୍ଗଳବାର ୩୩ତମ ବାର୍ଷିର୍କ ଉତ୍ସବ ପାଳିତ ହୋଇଯାଇଛି। କୁମୁରାଡିହିସ୍ଥିତ ଅନୁଷ୍ଠାନ ପରିସରରେ ପ୍ରାକ୍ତନ ପ୍ରାଧ୍ୟାପକ ଲଳିତ ମୋହନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ନାବାର୍ଡର ଅବସରପ୍ରାପ୍ତ ଜେନେରାଲ ମ୍ୟାନେଜର ବିଏନ ପଟ୍ଟନାୟକ ଯୋଗଦେଇ ସେୱା ଅନୁଷ୍ଠାନର ନିରବଚ୍ଛିନ୍ନ ଜନହିତକର କାର୍ଯ୍ୟ ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ତାରା ପ୍ରସାଦ ତ୍ରିପାଠୀ, ଡା.ନନ୍ଦ କିଶୋର ମହାକୁଡ, ରଘୁମଣୀ ହୋତା, ଲଇକେରା ବ୍ଲକ କୃଷି ଅଧିକାରୀ ଧିରେନ୍ଦ୍ର ସିଂହ ବରିହା, ତାପସ କୁମାର ବେହେରା, ଗୁରୁଚରଣ ସାହୁ, ଡିଏସ୍‌ଡବ୍ଲ୍ୟୁଓ ପୂଣ୍ୟବତୀ ହେଲେନ ଖେସ୍ ପ୍ରମୁଖ ଯୋଗ ଦେଇ ଜୈବିକ ପଦ୍ଧତିରେ କୃଷି କାର୍ଯ୍ୟକୁ ଆପଣେଇବା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରୀକାନ୍ତ କଉଡି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ସୁଶିଲ କୁମାର ଦାସ୍ ପ୍ରାରମ୍ଭିକ ସୂଚନା ସହିତ ବାର୍ଷିର୍କ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଲଇବେରା ବ୍ଲକର ସାମ୍ବାଦିକ ଭରତ ପାତ୍ର, ଦେବେନ୍ଦ୍ର ବେହେରା, କୋଲାବିରା ବ୍ଲକର ସାମ୍ବାଦିକ ସୁମନ୍ତ ବହିଦାର, ସୁକାନ୍ତ ସାହୁ ଏବଂ କୀର୍ତ୍ତିଚନ୍ଦ୍ର ବହିଦାରଙ୍କୁ ସମ୍ମାନିତ କରାଯାଇଥିଲା। କୃଷି ସଞ୍ଜିବନୀ ନାମକ ପୁସ୍ତିକାର ଲୋକାର୍ପଣ କରାଯାଇଥିଲା। ସାହ୍ଲେପାଲି ଗ୍ରାମର ମହିଳା ଚାଷୀ କର୍ପୁର ନାଏକ, ବ୍ରିଜା ବେର୍ଣ୍ଡାର ବାସନ୍ତି ମୁଣ୍ଡା, ଜଇପଡ଼ାର ତାରାବତୀ କୁସୁମ, ନାଏକ କରଲାର କୁମରମଣୀ ରୋହିଦାସଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ଦାସ ଏବଂ ଛାତ୍ରୀ ଭୂମିକା ନାଏକଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଏହି ଜୈବିକ ମେଳାରେ ପ୍ରାକୃତିକ କୃଷି, ପୁଷ୍ଟିଶସ୍ୟ ଓ ଖାଦ୍ୟ ମେଳାର ଷ୍ଟଲ ଖୋଲିଥିଲା। ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇ ଗ୍ରାମ-ସ୍ୱରାଜ ବିଷୟରେ ବର୍ଣ୍ଣନା କରିବା ସହିତ ଜୈବିକ କୃଷି ଏବଂ ପ୍ରାକୃତିକ କୃଷି ଉପରେ ମତ ବ୍ୟକ୍ତ କରିବା ସହ ସେ ତାଙ୍କ ଚିରାଚରିତ ଢଙ୍ଗରେ ସ୍ୱରଚିତ କବିତା ଶୁଣାଇଥିଲେ। ଅତିଥିଗଣଙ୍କ ଦ୍ୱାରା ଚାଷୀ ରାଜେଶ ପଟେଲ, ଈଶ୍ୱର ଚନ୍ଦ୍ର ଧୁରୁଆ, ବସନ୍ତ ଛତ୍ରିଆ, ହାରାଚାନ୍ଦ କିଶାନ, ବୁଧୁରାମ ମୁଣ୍ଡା, ଦକ୍ଷଶିଳା ନାଏକ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଚୂଡାମଣି ଧୁରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ରବୀନ୍ଦ୍ର ବେହେରା, ବ୍ରିଜେଶ ଯୋଷୀ, ଆଶୁତୋଷ ଗଡ଼ନାୟକ, ଲିପିନା ବିଶ୍ୱାଳ, ଚୂଡାମଣୀ ବରିହା, ଦେବେନ୍ଦ୍ର ଭଇଁଷା, ରୋହିତ ଲାକ୍ରା, ନିତ୍ୟାନନ୍ଦ ପଧାନ, ରଶ୍ମିତା ନାଏକ ଓ ଶୋଭା ଡୁଙ୍ଗଡୁଙ୍ଗଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## 'ମୋଟା' ନିର୍ଦ୍ଦେଶିକାଙ୍କ ଦେବଗଡ଼ ଗସ୍ତ

**ଦେବଗଡ଼, ୨।୧ (ସମିସ):** ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍ ଜନମନ) ଯୋଜନାର ସଫଳ ରୂପାୟନ ପାଇଁ ମଙ୍ଗଳବାର ଜନଜାତି ବ୍ୟାପାର ମନ୍ତ୍ରାଳୟ (ମୋଟା) ଭାରତ ସରକାରଙ୍କ ତରଫରୁ ଜୀବନଜୀବିକା ଡିଭିଜନର ନିର୍ଦ୍ଦେଶିକା ସୁଶ୍ରୀ ସଙ୍ଗୀତା ଗୁପ୍ତା ଦେବଗଡ଼ ଜିଲ୍ଲା ଗସ୍ତ କରିଛନ୍ତି। ସକାଳେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଦେବଗଡ଼ ଜିଲ୍ଲାର ଉଭୟ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ 'ମୋଟା'ର ନିର୍ଦ୍ଦେଶିକାଙ୍କୁ ସ୍ୱାଗତ କରିଥିଲେ। ପାଉଡି ଭୂୟାଁ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସମୁଦାୟ ୧୧ଟି ଗତିବିଧି ଉପରେ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ସୁଶ୍ରୀ ଗୁପ୍ତା ପଚାରି ବୁଝିଥିଲେ। ପାଉଡି ଭୂୟାଁ ଆଦିବାସୀମାନଙ୍କ ଜନବସତି ପାଇଁ ଉତ୍ତମ ସଡ଼କ ବ୍ୟବସ୍ଥା, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଉନ୍ନତ ଶିକ୍ଷା, ଭ୍ରାମ୍ୟମାଣ ଚିକିତ୍ସା ସୁବିଧା ଓ ବିଦ୍ୟୁତ ଯୋଗାଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ସହିତ ସୁଶ୍ରୀ ଗୁପ୍ତା ପାଉଡି ଭୂୟାଁ ବାସସ୍ଥାନ ପରିଦର୍ଶନ ପାଇଁ ବାରକୋଟ ବ୍ଲକର ବମ୍ପରଡ଼ା ଗ୍ରାମ ପଞ୍ଚାୟତର ମହୁଲିଡିହି ଗ୍ରାମ ଗସ୍ତ କରିଥିଲେ। ପିବିଡିଏ ରୁଗୁଡାକୁଦରର ସ୍ୱତନ୍ତ୍ର ଅଧିକାରୀ ରାଜେନ୍ଦ୍ର କୁମାର ବନାରା ଉପସ୍ଥିତ ଥିଲେ। ବୈଠକରେ ପିବିଡିଏର କନିଷ୍ଠ କୃଷି ଅଧିକାରୀ ରାଜେଶ କୁମାର ଦାଶ ସଂଯୋଜନା କରିଥିଲେ।



### କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

## ସଂସାମରା କ୍ରିକେଟ୍ କ୍ଲବ ଚାମ୍ପିଅନ

**ଦେବଗଡ଼, ୨।୧(ସମିସ):** ରିଆମାଳ ବ୍ଲକ କଣ୍ଟାବାହାଲ ଗ୍ରାମ ପଞ୍ଚାୟତର ବ୍ରାହ୍ମଣୀପାଲି ଗ୍ରାମରେ ଜୟ ମହାଦେବ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମୋଟ ୮ଟି ଦଳକୁ ନେଇ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ କୁଶଖଳିଆ କ୍ରିକେଟ କ୍ଲବକୁ ୬୧ ରନରେ ପରାସ୍ତ କରି ସଂସାମରା କ୍ରିକେଟ କ୍ଲବ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ମନୋଜ ଅଦାବର ଓ ତପନ କୁମାର ସେଠି ପରିଚାଳନା କରିଥିବା ବେଳେ ଟିକେଶ୍ୱର ବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଜୟ ମହାଦେବ କ୍ରିକେଟ କ୍ଲବର ସଭାପତି ମାନସ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇ ଚାମ୍ପିଅନ ସଂସାମରା କ୍ରିକେଟ କ୍ଲବ ଓ ରନର୍ସଅପ୍ କୁଶଖଳିଆ କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ ଓ ଖଗେଶ୍ୱର ମାଝୀ ଯୋଗ ଦେଇଥିଲେ। ଜୟ ମହାଦେବ କ୍ରିକେଟ କ୍ଲବର ସମ୍ପାଦକ ତ୍ରିପୁରାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ତଲେଇସର କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ



**ଦେବଗଡ଼, ୨।୧(ସମିସ):** ରିଆମାଳ ବ୍ଲକ ଖିଲେଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତଲେଇସର ଗ୍ରାମରେ ମହାବୀର କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ତ୍ରିଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମହାବୀର କ୍ଲବର ସଭାପତି ରଞ୍ଜିତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗିରିଧାରୀ ପ୍ରଧାନ ଯୋଗ ଦେଇଥିଲେ। ମହାବୀର କ୍ଲବର ସମ୍ପାଦକ ବିକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର କୋଷାଧ୍ୟକ୍ଷ ପ୍ରମୋଦ ସାହୁ, ସଦସ୍ୟ ଆକାଶ ବେହେରା, ସୁବ୍ରତ କିସାନଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରୁଥିବା ବେଳେ ମ୍ୟାଚ ଗୁଡ଼ିକୁ ଅମ୍ପାୟାର ଭାବେ ଯତୀନ୍ଦ୍ର ସାହୁ, ବିକାଶ ସାହୁ, ସିଲୁ ସାହୁ ଓ ଦେବେନ୍ଦ୍ର ବିଶ୍ୱାଳ ପରିଚାଳନା କରୁଥିବା ଜଣାପଡ଼ିଛି।

### ଜିଲ୍ଲା ମହୋତ୍ସବ ଦୁଲ୍‌ଦୁଲିର ଦ୍ୱିତୀୟ ଦିବସ

# ଭାଙ୍ଗଡ଼ା ଓ ବିହୁ ନୃତ୍ୟରେ ଝୁମିଲେ ଦର୍ଶକ

**ଝାରସୁଗୁଡ଼ା, ୨।୧(ସମିସ)**

୨୨ତମ ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଲଖନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ହିତେଶ୍ୱରୀ ତିହିରିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବ୍ରଜରାଜନଗର ପୌର ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ, ବେଲପାହାଡ଼ ପୌର ଅଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା, ଅଲଟ୍ରାଟେକ୍ ୟୁନିଟ୍ ମୁଖ୍ୟ ଅର୍ଡା କିଶୋର ମଣ୍ଡଭିଆ, ଟିଆର୍‌ଏଲ କ୍ରୋଷକିର ଅତିରିକ୍ତ ଉପ ସଭାପତି ଡ. ତାରାପଦ ଦାସ ଏବଂ ଏଚଓଡି ଏଚ ଆର୍ ପ୍ରଶାସନ ଏସଏମସି ପାୱାର ଜେନେରେସନ୍‌ର ଏଲ ଏନ ମିଶ୍ର ଯୋଗ ଦେଇଥିଲେ। ଆନନ୍ଦିନୀ ପାଢ଼ୀ ଓ ସୁରଙ୍ଗ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଦୁଲଦୁଲି କୋର କମିଟି ସଦସ୍ୟ ପ୍ରତାପ ନନ୍ଦ ଧନ୍ୟବାଦ ଅର୍ପଣ କରିଥଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବର୍ନୋଇ ସାପୋରୀ ସାଂସ୍କୃତିକ ଗୋଷ୍ଠୀ ଆସାମର କଳାକାରଙ୍କ ଲୋକନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ବିହୁ ନୃତ୍ୟରେ ଦର୍ଶକ ଝୁମିଥିଲେ। କେନ୍ଦ୍ରାପଡ଼ା ନୃତ୍ୟମ ପକ୍ଷରୁ ମାହାରୀ, ସପ୍ତର୍ଷି ଅନୁଷ୍ଠାନ ପକ୍ଷରୁ କଥକ ମାଳା, ରେଲୱେ ଓଡ଼ିଆ ସାଂସ୍କୃତିକ ସଂଘ ଝାରସୁଗୁଡ଼ା ପକ୍ଷରୁ ଓଡ଼ିଶୀ, ଜଳନ୍ଧର ପଞ୍ଜାବ ଶେର-ଇ ପଞ୍ଜାବୀ ପକ୍ଷରୁ ଭାଙ୍ଗଡା, ରାଇଁଝାଇଁ ଝାରସୁଗୁଡ଼ା ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ତାରପଦ ଅନୁଷ୍ଠାନ ପୁରୁଲିଆ ପଶ୍ଚିମବଙ୍ଗର ଛଉ ନୃତ୍ୟ ଏବଂ ମୃଣ୍ମୟୀ କଲ୍‌ଚରାଲ ସୋସାଇଟୀ ଭବାନୀପାଟଣା ପକ୍ଷରୁ ବଜାସାଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।






## ଜିଲ୍ଲା ପ୍ରଶାସନ ସହ କୃଷକ ସଂଘ ପ୍ରତିନିଧିଙ୍କ ଆଲୋଚନା

**ଦେବଗଡ଼, ୨।୧(ସମିସ):** ସୂଚାରୁ ରୂପେ ଧାନ କ୍ରୟ ସମେତ ଜିଲ୍ଲାର ଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଓ କ୍ଷତିପୂରଣ ପ୍ରସଙ୍ଗ ନେଇ ମଙ୍ଗଳବାର ଦେବଗଡ଼ ଜିଲ୍ଲା କୃଷକ ସଂଘର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏଥିସହ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରି ଦେବଗଡ଼ର ଟ୍ରାଫିକ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାର ସମାଧାନ ଦାବି କରିଥିବା ଜଣାପଡ଼ିଛି। ଏହି ଆଲୋଚନାରେ ଜିଲ୍ଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କର, ସଂଘର ଆଇନ ପରାମର୍ଶଦାତା ବିଭୂତି ଗଙ୍ଗଦେବ, ଉପଦେଷ୍ଟା ଇଂ. ରାଜକିଶୋର ନାୟକ, ସଚ୍ଚିଦାନନ୍ଦ ପଟ୍ଟନାୟକ, ସହ ସମ୍ପାଦକ ହୀରାଧର ସାହୁ, ବାରକୋଟ ବ୍ଲକ କୃଷକ ସଂଘର ସଭାପତି ବିନୋଦ କୁମାର ନାୟକ, ଜଗମୋହନ ଓ ଭାରତଭୂଷଣ ପ୍ରଧାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ସ୍ପଷ୍ଟୀକରଣ ଦେଲେ ଆଇନମନ୍ତ୍ରୀ

**ସମ୍ବଲପୁର, ୨।୧ (ସମିସ):** ଇ-କୋର୍ଟ ଯୋଗୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ଅପ୍ରାସଙ୍ଗିକ ହୋଇଯାଇଛି ବୋଲି କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସ୍ପଷ୍ଟୀକରଣ ଦେଇଛନ୍ତି। କେନ୍ଦ୍ର ସରକାର ଓ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଇ-କୋର୍ଟ ପ୍ରକଳ୍ପ ଅଧୀନରେ ଭର୍ଚୁଆଲ୍ ବେଞ୍ଚ ଓଡ଼ିଶାର ବିଭିନ୍ନ ସ୍ଥାନରେ ଉପଲବ୍ଧ ଥିବାରୁ ଓଡ଼ିଶା ହାଇକୋର୍ଟର ପୃଥକ୍ ସ୍ଥାୟୀ ଖଣ୍ଡପୀଠର ଆବଶ୍ୟକତା ପଡ଼ିବ ନାହିଁ। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଲାଗି ଯଶବନ୍ତ ସିଂହ କମିଶନଙ୍କ ସୁପାରିସ ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରସ୍ତାବ ପାଇନାହାନ୍ତି। ହାଇକୋର୍ଟର ଖଣ୍ଡପୀଠ ଗଠନ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଠାରୁ ଏକ ସମ୍ପୂର୍ଣ୍ଣ ପ୍ରସ୍ତାବ ମିଳିବା ପରେ ହିଁ ଭାରତ ସରକାର ବିଚାର କରିପାରିବେ। ଯେଉଁଥିରେ ସମ୍ପୃକ୍ତ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ରାଜ୍ୟପାଳଙ୍କ ସହମତି ରହିବା ଆବଶ୍ୟକ ରହିଛି। ଆବଶ୍ୟକ ଭିତ୍ତିଭୂମି ସୁବିଧା ଯୋଗାଇ ଦେବାକୁ ପଡ଼ିବ। ତେଣୁ ଉଭୟ ରାଜ୍ୟ ସରକାର ଓ ହାଇକୋର୍ଟ ଏହି ମାମଲାକୁ ସବୁଦିଗରୁ ବିଚାର କରି ସହମତିରେ ପ୍ରଦାନ କରିବାକୁ ହେବ।୨୦୧୮ ସେପ୍ଟେମ୍ବର ୫ ଓ ୨୦୧୯ ଜାନୁଆରୀ ୧୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ୨୦୧୯ ଜାନୁଆରୀ ୧୨ ତାରିଖରେ ତତ୍କାଳୀନ ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ହାଇକୋର୍ଟଙ୍କ ମତାମତ, ବେଞ୍ଚ ପାଇଁ ସ୍ଥାନ, ବିଚାରପତିଙ୍କ ପାଇଁ କୋଠା ଓ ବାସଭବନକୁ ନେଇ ଏକ ବିସ୍ତୃତ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ଭାରତ ସରକାରଙ୍କ ଇ-କୋର୍ଟ ପ୍ରୋଜେକ୍ଟ ଅଧୀନରେ ସ୍ଥାପିତ ହାଇକୋର୍ଟର ଭର୍ଚୁଆଲ୍ ସେଣ୍ଟରଗୁଡ଼ିକ ଇ-ଫାଇଲିଂ, ଇ-ପେମେଣ୍ଟ ଏବଂ ଭର୍ଚୁଆଲ୍/ଭିଡିଓ ଶୁଣାଣି କରି ସମସ୍ତ ହିତାଧିକାରୀ ଅର୍ଥାତ୍ ଆବେଦନକାରୀ ଓ ଓକିଲମାନଙ୍କୁ ହାଇକୋର୍ଟରେ ସିଧାସଳଖ ପରିଚାଳନା କରିପାରୁଛନ୍ତି। ଓଡ଼ିଶା ହାଇକୋର୍ଟ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ୩୦ଟି ଭର୍ଚୁଆଲ ସେଣ୍ଟର ରହିଛି।

ଛୁଆକୁ ଖୋଜୁଛି ମାଁ

# ଦିନେ ଫୋପାଡ଼ିଥିଲା ଆଜି ଝୁରି ହେଉଛି

**ବୁର୍ଲା, ୨।୧(ସମିସ)**

'ମୋ ଛୁଆ କେନ୍ତା ଅଛେ, ଏବେ ଭଲ୍ ହେଲାନ କି? ତାହାକେ କେନ୍ ଠାନେ ରଖିଛ' ଏମିତି ଅନେକ ପ୍ରଶ୍ନ ପଚାରିବା ସହ ବିଜୟିନୀକୁ ଖୋଜୁଛି ତା' ମାଁ। କଟକ ଏସ୍‌ସିବିର ମାନସିକ ବିଭାଗର ବ୍ୟାଡ୍‌ରେ ଥାଇ ଚିକିତ୍ସା ହେଉଥିବା ସେ ନୃଶଂସ ମାଁ ଆଜି ନିଜର ଭୁଲ୍ ବୋଧେ ବୁଝିପାରିଛି। ସେହି ସମୟରେ ମାନସିକ ଭାରସାମ୍ୟ ହରାଇ ଏପରି କାଣ୍ଡ ଭିଆଇଥିବା ମାଁ ଆଜି ଧିରେ ଧିରେ ସୁସ୍ଥ ହେବା ସହ ତା' ବିଜୟିନୀକୁ ଝୁରି ହେଉଥିବା ସୂଚନା ମିଳିଛି। ଏପରିକି ପୁଲିସ ବିଜୟିନୀର ଫଟୋଚିତ୍ରକୁ ତାର ମାଁକୁ ଦେଖାଇବା ପରେ ସେ ଚିହ୍ନି ପାରିବା ସହ କାନ୍ଦିଥିବା ଜଣାପଡ଼ିଛି। ଘଟଣା ଘଟଣାଇବାର ୨ରୁ ୩ ଦିନ ଭିତରେ ପୁଲିସ ବିଜୟିନୀର ମାଁକୁ ଖୋଜିବାରେ ସଫଳ ହୋଇଥିଲା। ହେଲେ ସେହି ସମୟରେ ସେ ଅତ୍ୟଧିକ କାନ୍ଦିବା ସହ ପୁଲିସକୁ ବେଶି କିଛି ତଥ୍ୟ ଦେଇପାରି ନଥିଲେ ବି ସେ ଛୁଆଟି ତା'ର ବୋଲି ସ୍ୱୀକାର କରିଥିଲା। ତେବେ ମାନସିକ ଅବସ୍ଥା ଭଲ ନଥିବାରୁ ପୁଲିସ ସମ୍ପୃକ୍ତ ମହିଳାଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରି ଚିକିତ୍ସା କରୁଛି। ଆଉ ଅଳ୍ପ ଦିନରେ ମହିଳା ସୁସ୍ଥ ହୋଇ ଫେରିଲା ପରେ ଅଧିକ ତଦନ୍ତ କରାଯିବ। ବର୍ତ୍ତମାନ ବିଜୟିନୀ ଭୀମସାରରେ ରହି ଚିକିତ୍ସା ହେଉଥିବାବେଳେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିବ ଭୀମସାର। ତେବେ ପୂର୍ବରୁ ଏହାର ପରିଚୟ ତଥା ପରିବାର ଲୋକଙ୍କ ସନ୍ଧାନ ମିଳି ନଥିବା ଯୋଗୁଁ ରୁକ୍ମିଣୀ ଲାଠ୍ ବାଲ୍ ନିକେତନରେ ରଖାଯିବା ନିର୍ଣ୍ଣୟ ନେଇଥିଲା ଶିଶୁ ସୁରକ୍ଷା ବିଭାଗ। ଏହାପରେ ପୋଷ୍ୟ ପାଇଁ ଆବେଦନ ହେଲେ ପୋଷ୍ୟ ଆକାରରେ ଦିଆଯିବ ବୋଲି ସୂଚନା ମିଳିଛି। ହେଲେ ବର୍ତ୍ତମାନ ଏସ୍‌ପିଙ୍କ ପ୍ରତିକ୍ରିୟା ପରେ ପୋଷ୍ୟ ଉପରେ ପ୍ରତିବନ୍ଧକ ଲାଗିବା ଥୟ। ଶିଶୁକନ୍ୟାର ପରିବାର ଲୋକେ ମିଳିବା ପରେ ଏହାକୁ ଦାବି କରିବେ ବୋଲି ଆଶା କରାଯାଉଛି। ତେବେ ମାଁର ମାନସିକ ଅବସ୍ଥା ଓ ପରିବାର ଲୋକଙ୍କ ଆଗ୍ରହ ଉପରେ ଏହା ନିର୍ଭର କରିବ। ଏହାସହ ଆଇନଗତ ଜାଲରେ ମଧ୍ୟ ବାପା-ମାଁ ଛନ୍ଦି ହେବେ। ଫଳରେ ଆଗକୁ କ'ଣ ହେବ ବିଜୟିନୀର ଭାଗ୍ୟ ତାହା ସମୟ କହିବ।

**ପୋଷ୍ୟ ଉପରେ ପ୍ରତିବନ୍ଧକ ! କେଉଁଠି ରହିବ ବିଜୟିନୀ ?**

ଆଇପିସିର ଧାରା ୩୧୭ ରେ ମାମଲା ହେବା କଥା ବୋଲି ଆଇନଜୀବୀ ସତ୍ୟନାରାୟଣ ପୁରୋହିତ କହିଛନ୍ତି। ଛୋଟ ଶିଶୁକୁ ନିର୍ଯାତନା କିମ୍ବା ମରଣମୁହଁକୁ ଠେଲିଦେବା ଘଟଣାରେ ଆଇପିସିର ଧାରା ୩୧୭ର



ବ୍ୟବହାର ହୁଏ। ଆଜିକାଲି ଏପରି ଘଟଣା ପ୍ରାୟତଃ ଘଟୁ ନଥିବା ବେଳେ ଏହି ଦଫା ମଧ୍ୟ ଲଗାଉନି ବୋଲି ବୋଲି ଆଇନଜୀବୀ ଶ୍ରୀ ପୁରୋହିତ କହିଛନ୍ତି। ଅନ୍ୟପକ୍ଷରେ କୁମାରୀ ମାତୃତ୍ୱ, ଅସହାୟ ଗର୍ଭବତୀଙ୍କ ସନ୍ତାନଙ୍କ ଥଇଥାନ ପାଇଁ ଅନେକ ସଂସ୍ଥା ଥିବାବେଳେ ଏହାର ସହାୟତା ନେଇପାରିଥାନ୍ତେ ମହିଳା ବୋଲି ସେ କହିବା ସହ ମାନସିକ ସନ୍ତୁଳନ କଥା ପୁଲିସ ତଦନ୍ତରୁ ସ୍ପଷ୍ଟ ହେବ ବୋଲି କହିଛନ୍ତି। ତେବେ ଏହି ଘଟଣାରେ ଶିଶୁ କନ୍ୟାକୁ ତା'ର ମାତା-ପିତାଙ୍କୁ ଫେରାଇ ଦିଆଯିବକି ନାହିଁ ପରେ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

**ସତ୍ୟନାରାୟଣ ପୁରୋହିତ, ଆଇନଜୀବୀ**

# ପିକ୍‌ନିକ୍ ସ୍ପଟ୍ ସଫାକରି ପାଳିଲେ ନବବର୍ଷ

**ସମ୍ବଲପୁର, ୨।୧(ସମିସ):** ଗୋରେକ୍‌ନାଥ ଯୁବ ସଙ୍ଗଠନ ଏବଂ ଜିଲ୍ଲା ଭାରତ ନିର୍ମାଣ ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଧନକଉଡ଼ା ବ୍ଲକ ଅନ୍ତର୍ଗତ ଟିଠେଇପାଲି ଗ୍ରାମ ହରପାର୍ବତୀ ସଙ୍ଗମ ସ୍ଥଳ ଓ ହରଡଯୋର ନାଳ ପାର୍ଶ୍ୱରେ ଥିବା ସଂରକ୍ଷିତ ସାଲେଡୁଙ୍ଗୁରୀ ଜଙ୍ଗଲ ବଣଭୋଜି ସ୍ଥଳକୁ ସଫା ସୁତୁରା କରାଯାଇଛି। ଆଜିକାଲି ଅନେକ ଯୁବ ବର୍ଗ ଭୋଜିସ୍ଥଳରେ ନିଶା ଦ୍ରବ୍ୟ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି। ଭୋଜି ପରେ ଉକ୍ତ ସ୍ଥାନରେ ଅଳିଆ ପକେଇ ଫେରି ଯାଉଛନ୍ତି। ସେ ଦୃଷ୍ଟିକୁ ଦେଖି ଦୁଇ ଅନୁଷ୍ଠାନ ସଚେତନତା ବାର୍ତ୍ତା ଦେବା ପାଇଁ ନିଆରା ଢଙ୍ଗରେ ଉକ୍ତ ସଂରକ୍ଷୀତ ଜଙ୍ଗଲରେ ପ୍ରତ୍ୟେକ ବର୍ଷ ସଫେଇ କାର୍ଯ୍ୟ କରିଥାଏ। ପ୍ଲାଷ୍ଟିକ, ପଲିଥିନକୁ ଉଠାଇ ଏକତ୍ର ପକାଇବା, ଛୋଟ ଛୋଟ ଗଛ ମୂଳକୁ ସଫା କରିବା, ଯେମିତି ନିଆଁ ଦାଉରୁ ଗଛ ରକ୍ଷା ପାଇବ, ଆବଶ୍ୟକ ଗଛ ମୂଳରେ ପାଣି ଦେବା କାର୍ଯ୍ୟ କରିଥାଏ। ଏହି ଡୁଙ୍ଗୁରୀର ସୁରକ୍ଷା କରାଯିବା ସହ ବଣଭୋଜି ସ୍ଥଳ ଭାବେ ସରକାରୀ ନାମକରଣ କରାଗଲେ ପ୍ରକୃତିର ଏବଂ ଜନସାଧାରଣଙ୍କ ସେବାରେ ଲାଗିବ ବୋଲି ଗ୍ରାମ୍ୟ ଜଙ୍ଗଲ ସମିତିର ସଭାପତି ମକରଧ୍ୱଜ ମହାନନ୍ଦ ଏବଂ ଅନୁଷ୍ଠାନର ସଭାପତି ଚତୁର୍ଭୂଜ ଗଡ଼ିଆ ଦାବି କରିଆସୁଛନ୍ତି। ଏହାର ସୁରକ୍ଷା ଯତ୍ନ କାର୍ଯ୍ୟରେ କରୁଣାକର ବାଗ, ହୃଷିକେଷ ଲୁହା, ବିପ୍ର କୁମ୍ଭାର, ମିଳନ ଗଡ଼ିଆ, ଶ୍ୟାମସୁନ୍ଦର ଗଡ଼ିଆ ସହଯୋଗ କରିଥାନ୍ତି। ଆଜିର କାର୍ଯ୍ୟକ୍ରମରେ ରାଜେନ୍ଦ୍ର ମହାନନ୍ଦ, କାର୍ତ୍ତିକ ପିଙ୍ଗ, ଶ୍ରୀକାନ୍ତ ମିର୍ଦ୍ଧା, ସଞ୍ଜିବ ବାଗ, ଜଗଦିଶ, ହୃଦାନନ୍ଦ, ରଞ୍ଜନ ରୋହିଦାସ, ରାହୁଲ ପ୍ରମୁଖ ସାମିଲ ଥିଲେ।



ପେଟପାଟଣା ପାଇଁ ଜୀବିକାର ବାଟେ..

# ଏକାଠି ୩ ଶବ ସତ୍କାର କଲା ସମ୍ବଲ



**ସମ୍ବଲପୁର, ୨।୧(ସମିସ):** ସମାଜିକ ଅନୁଷ୍ଠାନ ସମ୍ବଲ ପରିବାର ପକ୍ଷରୁ ଆଜି ତିନୋଟି ଶବ ସତ୍କାର କରାଯାଇଥିଲା। ଡିସେମ୍ବର ୩୦ ତାରିଖ ଜଣେ ୭୦ ବର୍ଷୀୟ ଅସହାୟ ମହିଳାଙ୍କ ମୃତ୍ୟୁ ଘଟିଥିଲା। ସେହିପରି ପୁରୁଷ ମେଡ଼ିସିନ ୱାର୍ଡରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣେ ୫୫ ବର୍ଷୀୟ ପୁରୁଷଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ୭୨ ଘଣ୍ଟା ଫ୍ରିଜର୍‌ରେ ରଖିଲା ପରେ ମଧ ତାଙ୍କର କେହି ଆତ୍ମୀୟସ୍ୱଜନ ଆସି ନ ଥିଲେ। ତେଣୁ ମେଡ଼ିକାଲ ଫାଣ୍ଡି ଅଧିକାରୀ ଶବ ସତ୍କାର ପାଇଁ ଲିଖିତ ଅନୁରୋଧ କରିଥିଲେ। ବରେଇପାଲି ଅଞ୍ଚଳର ୮୦ ବର୍ଷିୟ କିନ୍ନର ଗୋକୁଳ ବାଗଙ୍କର ମଧ ଗତକାଲି ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା ସ୍ଥାନୀୟ ଲୋକଙ୍କ ସହଯୋଗରେ ମନ୍ଦଳିଆ ସ୍ଥିତ ରାଜଘାଟରେ ସମ୍ବଳ ପରିବାର ପକ୍ଷରୁ ଶବ ସତ୍କାର କରାଯାଇଥିଲା। ସମ୍ବଳ ଅନୁଷ୍ଠାନର ସଂଯୋଜକ ରାମଦାସ ପଣ୍ଡା, ସୌରୀ ପାଣିଗ୍ରାହୀ, ବରେଇପାଲି ର ହୀରା ସିଂ, କିଶୋର ସିଂ, ଜିମି ସିଂ, ସନୁ ଆହୁଜା, ଶୁକବିନ୍ଦର ସିଂ ସହଯୋଗ କରିଥିଲେ।

# ନୂତନ ଉପନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

**ସମ୍ବଲପୁର, ୨।୧(ସମିସ):** ଉପ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର କାର୍ଯ୍ୟରୁ ଅବସର ନେବାପରେ ଓଡ଼ିଶା ସୂଚନା ସେବାର ଅଧିକାରୀ କଲ୍ୟାଣୀ ଦାସ ସୂଚନା ଓ ଲୋକ ସମ୍ପର୍କ ବିଭାଗ (ଉତ୍ତରାଞ୍ଚଳ) ସମ୍ବଲପୁର ଉପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀମତୀ ଦାସ ସମ୍ବଲପୁର ଦାୟିତ୍ୱ ସହ ବରଗଡ଼ରେ ମଧ କାର୍ଯ୍ୟରତ ଅଛନ୍ତି। କାର୍ଯ୍ୟଭାର ଗ୍ରହଣ ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସମ୍ବଲପୁରର ସଞ୍ଜୁକ୍ତା କୁଲୁ ଏବଂ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ବିଡିଓଙ୍କ କଳାମାଟି ପଞ୍ଚାୟତ କାର୍ଯ୍ୟ ନିରୀକ୍ଷଣ

**ବୁର୍ଲା, ୨।୧(ସମିସ):** ଧଉନକଉଡ଼ା ବିଡିଓ କଳାମାଟି ପଞ୍ଚାୟତ ଗସ୍ତ କରିଛନ୍ତି। ବିଡିଓ ଜୟନ୍ତ ସାହୁ କଳାମାଟି ପଞ୍ଚାୟତ ଗସ୍ତ କରି ବିଭିନ୍ନ ଗାଁ ବୁଲିବା ସହ ସେଠାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ଉନ୍ନତମାନର କାମ କରିବା ସହ ସମୟ ଭିତରେ କାମ ସାରିବାକୁ ପରାମର୍ଶ ଦେଇଛନ୍ତି। ଏହାପରେ ବିଡିଓ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ପଞ୍ଚାୟତ ଅଧିକାରୀ ଓ ସରପଞ୍ଚଙ୍କୁ ନେଇ ଏକ ବୈଠକ କରିଛନ୍ତି। ପଞ୍ଚାୟତରେ କେଉଁ କେଉଁ ପ୍ରକଳ୍ପର କାମ ଚାଲିଛି ଓ କେଉଁ ପ୍ରକଳ୍ପ ଆରମ୍ଭ ହୋଇପାରିନି ସେ ବିଷୟରେ ପଚାରି ବୁଝିଥିଲେ। ବୈଠକରେ କଳାମାଟି ସରପଞ୍ଚ ସୁଷମା ସାହୁଙ୍କ ସମେତ ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ ଜେଇ ଉପସ୍ଥିତ ଥିଲେ।



# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଚୟନ କମିଟି ବୈଠକ



**ସମ୍ବଲପୁର, ୨।୧(ସମିସ):** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୩-୨୪ ପାଇଁ ଆଜି ଜିଲ୍ଲାସ୍ତରୀୟ ଚୟନ କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଜମେର ପୁଷ୍କର ଯାତ୍ରା ୧୯ ଫେବୃଆରୀରୁ ୨୪ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନ ଅଧିନରେ ଥିବା ଜିଲ୍ଲାଗୁଡିକରୁ ମୋଟ ୯୭୩ଟି ଆବେଦନ ଅନଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ ଗ୍ରହଣ କରାଯାଇଥିଲା। ୨୪୦ଟି ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ୭୨୩ଟି ବୈଧ ଆବେଦନ ଭାବରେ ସ୍ୱୀକାର କରାଯାଇଛି। ୧୮ ଫେବୃଆରୀରେ ଡାକ୍ତରୀ ପରୀକ୍ଷା କରାଯିବ। ଏହି ବୈଠକରେ ପର୍ଯ୍ୟଟନ ବିଭାଗ ଓ.ଏସ.ଡ଼ି ହେମନ୍ତ ପ୍ରଧାନ, ସି.ଡି.ଏମ.ଓ ଡା. ପୁର୍ଣ ଚନ୍ଦ୍ର ସାହୁ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ତୁନୁ ମେହେର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଦେଶ ଦର୍ଶନ ଯୋଜନା ୨.୦ରେ ସାମିଲ ହେବ ଡେବ୍ରିଗଡ଼ ଓ ଖିଣ୍ଡା ଗ୍ରାମ

**ସମ୍ବଲପୁର,୨।୧(ସମିସ):** ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଥିବା ଡେବ୍ରୀଗଡ଼ ଅଭୟାରଣ୍ୟ ଓ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡା ଗ୍ରାମକୁ କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନା ୨.୦ରେ ସାମିଲ କରିଛନ୍ତି। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପଶ୍ଚିମ ଓଡ଼ିଶାର ଏହି ୨ ପ୍ରମୁଖ ସ୍ଥଳ ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲ ହେବାପରେ ଏଠାରେ ବ୍ୟାପକ ବିକାଶ ହେବା ନେଇ ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ ମହାନ ସ୍ୱାଧିନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଖିଣ୍ଡା ଗ୍ରାମରେ ୧୮୦୯ ମସିହାରେ ଜନ୍ମଗ୍ରହଣ କରିଥିଲେ। ୧୮୫୭ ମସିହାରେ ସେ ଇଂରେଜ ସାସକଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିବା ବେଳେ ନିଜ ଜୀବନକାଳରେ ୪୦ ବର୍ଷ କାରାଗାରରେ ଅତିବାହିତ କରିଥିଲେ। ସେହିପରି ହୀରାକୁଦର ଜିରୋ ପଏଣ୍ଟରେ ଅବସ୍ଥିତ ଦେବ୍ରୀଗଡ଼ ଅଭୟାରଣ୍ୟ ବିଭିନ୍ନ ପଶୁପକ୍ଷୀଙ୍କ ପାଇଁ ବେଶି ପ୍ରସିଦ୍ଧି ଲାଭ କରିଛଇ। ବିଶେଷକରି ଭାରତୀୟ ଗୟଳ, ବଣୁଆ ବାର୍ହା, ସମ୍ବର, ମୟୂର ପାଇଁ ଦେବ୍ରୀଗଡ଼ ପ୍ରସିଦ୍ଧି ଲାଭ କରିଥିବା ବେଳେ ଏହାର ପରିବେଶ ମଧ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏବେ ରାଜ୍ୟ ସରକାର ବିକାଶ କରି ଓଟିଡ଼ିସି ପକ୍ଷରୁ ପରିଚାଳନା ହେଉଛି। ଏହୁ ଦୁଇଟି ସ୍ଥଳ ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲ ହେବା ପରେ ଏହାର ପ୍ରଭୁତ ବିକାଶ ହୋଇପାରିବ ବୋଲି କୁହାଯାଉଛି। ଡେବ୍ରିଗଡ଼ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜନ୍ମଭୂମି ଖିଣ୍ଡା କୁ ସ୍ୱଦେଶ ଦର୍ଶନ ଯୋଜନା ରେ ସାମିଲ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଧନ୍ୟବାଦ ଜଣାଇଛନ୍ତି। ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ପବିତ୍ର ଖିଣ୍ଡା ମାଟିକୁ ସ୍ୱାଧୀନତାର ପୁଣ୍ୟ ପବିତ୍ର ତୀର୍ଥକ୍ଷେତ୍ର ହିସାବରେ ଗଢିତୋଳିବାର ମୋର ବହୁତ ଦିନର ସ୍ୱପ୍ନ ସାକାର ହେବାକୁ ଯାଉଛି। ଐତିହାସିକ ନିଷ୍ପତ୍ତି ଆମ ଅଞ୍ଚଳବାସୀଙ୍କ ପାଇଁ ଏକ ଅମୃତ ଉପହାର ସଦୃଶ ପ୍ରମାଣିତ ହେଇଛି।

# ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ

**ସମ୍ବଲପୁର, ୨।୧(ସମିସ)**

ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ମନ୍ଦଲିଆସ୍ଥିତ ନୃସିଂହ ଗୁରୁ ପାର୍କରେ ଥିବା ସ୍ୱର୍ଗତ ଗୁରୁଙ୍କ ପୂର୍ଣ୍ଣାବୟବ ପ୍ରତୁମୂର୍ତ୍ତୀରେ ବହୁ ବ୍ୟକ୍ତି ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସମ୍ବଲପୁର ପୌର ପରିଷଦର ପୂର୍ବତନ ନଗରପାଳ ଗିରିଶ ପଟେଲ, ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ, ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରଫୁଲ୍ଲ ହୋତା, ପ୍ରଫେସର ଶଙ୍କର ପ୍ରସାଦ ପତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଳର ରାମଦାସ ପଣ୍ଡା, ସମାଜସେବୀ ରାଜେନ୍ଦ୍ର ସତନାମୀ, ଡ. ଶ୍ୟାମ ସୁନ୍ଦର ଧର, ସମଲେଶ୍ୱରୀ କଲେଜର ଅଧକ୍ଷା ସଙ୍ଗୀତା ପୁରୋହିତ, ପୂର୍ବତନ ଅଧକ୍ଷ ସୁମନ୍ତ ପତି, ଅଧାପକ ଅକ୍ଷୟ ଦାସ, ରତ୍ନଭୂଷଣ ପୃଷେଠ, ଦିଲୀପ ପୃଷ୍ଟି,







ଶଶୀଭୂଷଣ ତ୍ରିପାଠୀଙ୍କ ସମେତ ସମଲେଶ୍ୱରୀ କଲେଜର ଛାତ୍ରଛାତ୍ରୀ ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ସ୍ଥାନୀୟ ଏକ ହୋଟେଲରେ ନୃସିଂହ ଗୁରୁ ସ୍ମୃତି ସମିତି ଆନୁକୂଲ୍ୟରେ ଶ୍ରାଦ୍ଧସଭା ଅନୁଷ୍ଠିତ ହୋଇଥିଲା। ସମିତିର ଉପ ସଭାପତି ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଏସ୍‌ସିଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସେବକ ତ୍ରିପାଠୀ, ବୌଦ୍ଧ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନ, ରାଜେନ୍ଦ୍ର କୁମାର ପଣ୍ଡା, ଡ. ରାଜ କୁମାର ସାଣ୍ଡିଲ୍ୟ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସଭାରେ ସେଣ୍ଟ ଯୋଶେଫ ସ୍କୁଲର ଛାତ୍ର ଅନିକେତ ପାଢ଼ୀ ଓ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ମହାନନ୍ଦ ନୃସିଂହ ଗୁରୁଙ୍କ ସଂଗ୍ରାମୀ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ରୀ ସୁଶ୍ରୀ ଶ୍ରଦ୍ଧା ମିଶ୍ର ସଙ୍ଗୀତ ପରିବେଷଣ ଓ ବିକାଶ ସ୍କୁଲର ନିଳିତା ପଣ୍ଡା ଶ୍ଳୋକ ଆବୃତ୍ତି କରିଥିଲେ। ସଭା ପ୍ରାରମ୍ଭରେ ସ୍ମୃତି ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ ଯୁଗ୍ମ ସମ୍ପାଦକ କାର୍ତ୍ତିକ ପ୍ରସାଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

